ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE-25 ♦ CUTTACK ♦ WEEKLY ♦ 22 TO 28 - JUNE 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୨୫ ♦ କଟକ ♦ ସାପ୍ତାହିକ ♦ ୨୨ ରୁ ୨୮- ଜୁନ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


### ରାଷ୍ଟ୍ରପତିଙ୍କ ଜନ୍ମଦିନରେ ୪୭ ହଜାର କୋଟିର ପ୍ରକଳ୍ପ ଭେଟି

## ଓଡ଼ିଶାବାସୀଙ୍କ ସାମର୍ଥ୍ୟ ଉପରେ ମୋର ଅଛି ପୂର୍ଣ୍ଣ ଭରସା : ପ୍ରଧାନମନ୍ତ୍ରୀ




**ଭୁବନେଶ୍ୱର (ଏନ୍.ଏମ୍.):** ଓଡିଶା ଦ୍ରୁତ ଗତିରେ ବିକାଶ ହେଉଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗରିବ କଲ୍ୟାଣ ଯୋଜନାରେ ସାଧାରଣ ଲୋକଙ୍କ ଜୀବନ ବଦଳୁଛି । ଓଡିଶା ଅର୍ଥ ବ୍ୟବସ୍ଥା ମଜଭୁତ ହେଲେ ଭାରତ ମଜଭୁତ ହେବ । ଓଡ଼ିଶା ଗସ୍ତରେ ଆସି ରାଇରଙ୍ଗପୁରରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ମିଶି ପ୍ରାୟ ୪୭ ହଜାର କୋଟି ଟଙ୍କା ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରି ମୋଦି କହିଲେ, ରାଷ୍ଟ୍ରପତିଙ୍କ ସହ ପାହାଡ଼ପୁର ଯାଇଥିଲି । ରାଷ୍ଟ୍ରପତିଙ୍କ ଉପସ୍ଥିତି ଏବଂ ତାଙ୍କର ଅମ୍ୱୀୟତା ଯୋଗୁଁ ସମସ୍ତଙ୍କ ମୁହଁରେ ଚମକ ଥିଲା । ଆଜି ମୋ ପାଇଁ ଶିକ୍ଷାର ଦିବସ ଥିଲା, କିଛି ଶିଖିବାକୁ ମିଳିଲା । ପାହାଡପୁର ଗାଁକୁ ସୌର ଗ୍ରାମ ଭାବେ ବିକଶିତ କରାଯିବ । ସବୁ ଘରେ ସୋଲାର ବିଜୁଳି ଜଳିବ । କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ପରିଚୟ, ସୋଲାର ଭିଲେଜ ପରିଚୟ ପାଇବ ପାହାଡ଼ପୁର । ପ୍ରଧାନମନ୍ତ୍ରୀ କହିଲେ, ଓଡ଼ିଶାରେ ରଜ ପର୍ବ ଧୂମଧାମ ରେ ପାଳନ ହୋଇଛି । ମହାପ୍ରଭୁଙ୍କ ରଥଯାତ୍ରା ପ୍ରସ୍ତୁତି ଚାଲିଛି । ବାରିପଦା ରଥଯାତ୍ରା ପାଇଁ ବି ଉତ୍ସାହ ଚାଲିଛି । ତା ସହ ଲୋକତନ୍ତ୍ରରେ ବିକାଶ ଉତ୍ସବ ଚାଲିଛି । ବିଜେପି ସରକାର ୨ ବର୍ଷ ପୂରଣ କରିଛି, ଏହି ଅବସରରେ ମୋର ଆସିବା ମୟୂରଭଞ୍ଜ ଆସିବା ମୋ ସୌଭାଗ୍ୟ । ଏତେ ବଡ ସଂଖ୍ୟାରେ ଆପଣଙ୍କ ଉପସ୍ଥିତି ଏହି ଅବସର ମୋ ପାଇଁ ବହୁତ ଖୁସିର କଥା । ଆପଣଙ୍କ ଭଲପାଇବା ମୋତେ ବାରମ୍ବାର ଏଠିକୁ ନେଇଆସେ । ଆପଣଙ୍କୁ ହୃଦୟରୁ ଧନ୍ୟବାଦ, ଡବଲ ଇଞ୍ଜିନ ବିକାଶ ଯାତ୍ରା ପାଇଁ ଶୁଭକାମନା । ପଣ୍ଡିତ ରଘୁନାଥ ମୁର୍ମୁ, ଦମୟନ୍ତୀ ବେସ୍ରା, ଚରଣ ହେମ୍ବ୍ରମଙ୍କୁ ନମନ । ଆମ ସରକାର ସାନ୍ତାଳୀ ଭାଷାକୁ ଗୁରୁତ୍ୱ ଦେଇଛି । ଓଡିଶାର ଆଦିବାସୀ ସନ୍ତାନଙ୍କୁ ପଦ୍ମ ପୁରସ୍କାର ଦିଆଯାଇଛି । ଆଜି ମହାମହିମ ରାଷ୍ଟ୍ରପତିଙ୍କ ଜନ୍ମଦିନ, ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଆଉ ଶୁଭକାମନା । ତାଙ୍କର ଦୀର୍ଘାୟୁ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି । ରାଷ୍ଟ୍ର ପାଇଁ ତାଙ୍କ ଜୀବନ ସମର୍ପିତ । ଓଡିଶାର ପରିଚୟକୁ ସେ ସଶକ୍ତ କରିଛନ୍ତି ।

ମୋଦି ପୁଣି କହିଲେ ଯେ, ଓଡ଼ିଶାରେ ନିବେଶ ବଢୁଛି, ରୋଜଗାର ସୁଯୋଗ ପାଇଁ କାମ ଦ୍ରୁତ ଗତିରେ ହେଉଛି । ପୂର୍ବୋଦ୍ୟୋୟ ନୀତିରେ କାମ କରୁଛନ୍ତି ସରକାର । କଂଗ୍ରେସ ସମୟରେ ଓଡ଼ିଶା ପଛୁଆ ଥିଲା, ଆଜି ଏ ରାଜ୍ୟ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଡାକ୍ତରଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଆକ୍ସନ୍



**ଭୁବନେଶ୍ୱର(ଏନ୍.ଏମ୍.):** ଦୀର୍ଘଦିନ ଧରି ଡାକ୍ତରଖାନା ନଆସି, ରୋଗୀ ସେବାରୁ ବିରତ ରହୁଥିବା ଡାକ୍ତରମାନଙ୍କ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ୧୨୮ ଜଣ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ନର୍ଦ୍ଦେଶ ଦେଇଛନ୍ତି । ଓଡିଶାର ବିଭିନ୍ନ ଡାକ୍ତରଖାନାରେ ୧୨୮ଜଣ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନ ଦୀର୍ଘ ୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି । ସେମାନଙ୍କ ସ୍ଥିତି ବିଷୟରେ ଜଣାଇବା ପାଇଁ ଖବରକାଗଜରେ ଇସ୍ତାହାର ମଧ ଦିଆଯାଇଥିଲା । ସେମାନଙ୍କର ଏହି ଅନଧିକୃତ ଉପସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କନ୍ଧମାଳ ପୋଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ଚାକିରି ବହିଷ୍କୃତ କରିଛନ୍ତି । ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି । ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ଏବଂ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍, ସେ ତାହାର ଅନୁପାଳନ କରିନଥିଲେ । ରୋଗୀ ସେବାରେ ତାଙ୍କର ଏହି ଅନାଗ୍ରହ ଯୋଗୁ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି । ଡାକ୍ତରଖାନା ଗୁଡିକର ଆଧୁନିକୀକରଣ କରାଯାଉଛି ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ନୂଆ ନୂଆ ମେଡିକାଲ କଲେଜ ମଧ ଖୋଲାଯାଉଛି । ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗନଦେଇ ଅନୁପସ୍ଥିତ ରହୁଛନ୍ତି । ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ।

## ରାଜ୍ୟ ସରକାରଙ୍କ ଜିଲ୍ଲାସ୍ତରୀୟ ଦୁଇବର୍ଷ ପୂର୍ତ୍ତି ସମ୍ମିଳନୀ




**କଟକ(ଏନ୍.ଏମ୍.):** ଓଡ଼ିଆବଜାରସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ "ବିକାଶର ଧାରା ଓଡ଼ିଶା ସାରା" ଜିଲ୍ଲା ସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା, ସଫଳତା ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସରକାର ଲୋକଙ୍କ ଆବଶ୍ୟକ ପୂରଣ କରିବା ତଥା ରାଜ୍ୟବାସୀଙ୍କ ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟରେ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମତପ୍ରକାଶ କରିଥିଲେ । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ବିକାଶ, ମହିଳା ସଶକ୍ତିକରଣ ଏବଂ ଯୁବକଲ୍ୟାଣ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଫଳପ୍ରଦ ହୋଇଥିବା ସେ ପ୍ରକାଶ କରିଛନ୍ତି । ସିଏମ କିଶାନରେ ଚାଷୀମାନଙ୍କୁ କାର୍ଡ ବଣ୍ଟନ କରାଯାଇଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ସୋଲାର ସୁବିଧା ରାଜ୍ୟବାସୀଙ୍କୁ ଯୋଗାଇ ଦିଆଯାଉଛି । ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ସୂଚନା ଦେବାକୁ ଯାଇ କହିଛନ୍ତି ଯେ ନୂତନ ୪ଟି ଗ୍ରୀଡ ସଂଯୋଗୀକରଣ କରାଯାଇଛି । ବର୍ତ୍ତମାନ ବଡମ୍ବ, ବାଙ୍କୀ ଅଞ୍ଚଳରୁ ପନିପରିବା ବିଦେଶକୁ ରପ୍ତାନୀ କରାଯାଉଛି । ଏଲନିନୋ ପ୍ରଭାବରେ କମ ବୃଷ୍ଟିପାତକୁ ଲକ୍ଷ ରଖି ଅଳ୍ପ ସମୟ ମଧରେ ଅମଳକ୍ଷମ ବିହନ ବ୍ୟବହାର କରିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥି ଭାବେ ସାଂସଦ, ଜଗତସିଂହପୁର ବିଭୁ ପ୍ରସାଦ ତରାଇ ଯୋଗଦେଇ କ୍ଷୁଦ୍ର ଓ ମଧମ ଶିଳ୍ପକୁ ଆଗକୁ ନେବା, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟୁତ୍ ଆଦି ରାଜ୍ୟର ପ୍ରତ୍ୟେକ ଲୋକ ପାଖରେ ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ବୋଲି କହିଥିଲେ । ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ, ନିଆଳି ଛବି ମଲ୍ଲିକ, ବିଧାୟକ, କଟକ ସଦର ଙ୍କ ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶର ଧାରା ସମ୍ପର୍କରେ ଆଲୋକପାତ କରି ବିକଶିତ ଓଡିଶା – ୨୦୩୬ ସହ ସମନ୍ୱିତ ଭାବରେ କଟକ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଧାୟିକା, ବାରବାଟୀ-କଟକ, ଙ୍କ ସୋଫିଆ ଫିରଦୋସ ,କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ରାମନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ମତାମତ ରଖିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିକଶିତ କଟକ – ୨୦୩୬ ନିମନ୍ତେ ଭିଜନ ଉପସ୍ଥାପନା କରିଥିଲେ । ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ରାଜ୍ୟରେ ତଥା ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ଏକ ତିନିଦିନିଆ ପ୍ରଦର୍ଶନୀ ମଧ ଉଦ୍ଘାଟନ ହୋଇଯାଇଛି । ନାଗରିକ ମତାମତ ଆହ୍ୱାନ ଆଲୋଚନାରେ ଉପସ୍ଥିତ ବୁଦ୍ଧିଜୀବୀମାନେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସରକାରଙ୍କ ବଳିଷ୍ଠ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ସହ ନିଜର ମତାମତ ରଖିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ହିତାଧିକାରୀଙ୍କୁ କାର୍ଡ, ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ, ଆୟୁଷ୍ମାନ ବୟୋ ବନ୍ଦନ ଯୋଜନାରେ କାର୍ଡ ବଣ୍ଟନ କରିବା ସହ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସିଏମସି ଆୟୁକ୍ତ ସୁଶ୍ରୀ କିରଣଦୀପ କୌର ସହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିମାନେ ଜିଲ୍ଲାର ଉନ୍ନତିମୂଳକ ପ୍ରକଳ୍ପ, କଟକ ଚଣ୍ଡୀ ମନ୍ଦିର , ରେଭେନ୍ସା ବାଳିକା ବିଦ୍ୟାଳୟ, ତାରକସି ହବ୍ , ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ପରେ ଉପମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ରଦର୍ଶଣ ଗୃହଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳର ସଫଳତା, ଆଗାମୀ ଲକ୍ଷ୍ୟ ଓ ବିକାଶ ରୂପରେଖ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରିଥିଲେ ।

### ରାଜ୍ୟସରକାର ବଡ଼ ଘୋଷଣା

## ୨୫ ଜିଲ୍ଲାର ଉପାନ୍ତ ଗାଁରେ ବସିବ ୭୦୭ ନୂଆ ୪ଜି ଟାୱାର

## ଜମି ଯୋଗାଇଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ



**ଭୁବନେଶ୍ୱର / କେନ୍ଦୁଝର (ଏନ୍.ଏମ୍.):** ରାଜ୍ୟ ସରକାର ଏବେ ବଡ଼ ଘୋଷଣା କରିଛନ୍ତି । ଆଉ ଲୋକଙ୍କୁ ଇଣ୍ଟରନେଟ ପାଇଁ ହଇରାଣ ହେବାକୁ ପଡ଼ିବ ନାହିଁ । ରାଜ୍ୟର ଶତାଧିକ ଗାଁରେ ନାହିଁ ମୋବାଇଲ୍ ନେଟ୍ୱର୍କ । ଏହି ସମସ୍ୟା ଦୂର କରିବାକୁ ୨୫ଟି ଜିଲ୍ଲାରେ ୭୦୭ଟି ନୂଆ ୪ଜି ମୋବାଇଲ୍ ଟାୱାର ସ୍ଥାପନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ସେଥିପାଇଁ ଆବଶ୍ୟକ ହେଉଥିବା ୨ହଜାର ବର୍ଗଫୁଟ ଜମି ଯୋଗାଇ ଦେବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଜମି ମିଳିବା ପରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ଟାୱାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବ । ଏ ସଂକ୍ରାନ୍ତରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ସେହି ଜିଲ୍ଲାଗୁଡ଼ିକ ହେଉଛି ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ଭଦ୍ରକ, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ । ଯଥାଶୀଘ୍ର ଟାୱାର ସ୍ଥାପନ ପାଇଁ 'ନୋ ଅବଜେକ୍ସନ୍ ସାର୍ଟିଫିକେଟ୍' (ଏନ୍ଓସି) ହାସଲ କରିବା ସହିତ ବିଏସ୍ଏନ୍ଏଲ୍‌କୁ ଜମି ହସ୍ତାନ୍ତର କରିବାକୁ ସେ ଜିଲ୍ଲାପାଳମାନଙ୍କୁ କହିଛନ୍ତି । କିଛି ଜିଲ୍ଲା ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିବାରୁ ୨୯୪ଟି ସ୍ଥାନ ପାଇଁ ଏନ୍ଓସି ମିଳିସାରିଛି । ରାଜ୍ୟର ଦୁର୍ଗମ ଓ ଉପେକ୍ଷିତ ଅଞ୍ଚଳଗୁଡ଼ିକରେ ଡିଜିଟାଲ୍ ସେବାରେ ଉନ୍ନତି ଆଣିବା ପାଇଁ ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ତୁରନ୍ତ ଜମି ଚିହ୍ନଟ କରି ହସ୍ତାନ୍ତର କରିବାକୁ ସେ ଜିଲ୍ଲାପାଳମାନଙ୍କୁ କହିଛନ୍ତି ।

ଭାରତ ନେଟ୍ ଯୋଜନାର ତୃତୀୟ ପର୍ଯ୍ୟାୟରେ ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ପାଇଁ କେନ୍ଦ୍ର ସରକାର ଓଡ଼ିଶାରେ ୪୦୦୦ କୋଟି ଟଙ୍କା ଖର୍ଚ୍ଚ କରିବେ । ଏହି କାର୍ଯ୍ୟକୁ ଆଗାମୀ ୩ ବର୍ଷରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ଏ ପର୍ଯ୍ୟନ୍ତ ୩,୬୦୨ ଟେଲିକମ୍ ଟାୱାର କାର୍ଯ୍ୟକ୍ଷମ ହୋଇଥିବାବେଳେ ୬୮୩ଟିର ନିର୍ମାଣ କାମ ଚାଲିଛି । ଗଜପତି, ଗଞ୍ଜାମ, କନ୍ଧମାଳ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ପରି ଆଦିବାସୀ ଓ ପାହାଡ଼ିଆ ଜିଲ୍ଲାର ଅନେକ ଗାଁରେ ଦୁର୍ବଳ ସିଗ୍ନାଲ୍ ଯୋଗୁଁ ଟେଲି ଯୋଗାଯୋଗ ଓ ଅନଲାଇନ୍ ସେବା ବାଧାପ୍ରାପ୍ତ ହେଉଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଡିଜିଟାଲ୍ କ୍ଷେତ୍ରରେ ସେ ସମସ୍ୟା ଦୂରୀଭୂତ ହେବ । ବର୍ଷବର୍ଷ ଧରି ମୋବାଇଲ୍ ନେଟ୍ୱର୍କ ସେବାରୁ କେନ୍ଦୁଝର ଜିଲ୍ଲାର ଶତାଧିକ ଗାଁ ବଞ୍ଚିତ ହୋଇଛି । ଏହିସବୁ ଗାଁର ଲୋକେ ଗାଁ ବାହାର ଅବା ବଜାରକୁ ଆସି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

### ସଫଳତାର ପାହାଚରେ ବ୍ରେକ୍ ଲଗାଇଲା ଅଭାବ

## ଦୌଡ଼ ଛାଡ଼ି ଷ୍ଟିୟରିଂ ଧରିଲେ ପଲ୍ଲବୀ




**କେନ୍ଦୁଝର (ଏନ୍.ଏମ୍.):** ଦୌଡ଼ରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜେତା । ଇଚ୍ଛା ଥିଲା କ୍ରୀଡ଼ାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା । କିନ୍ତୁ ପରିବାରର ଦାୟିତ୍ୱ ହାତରେ ବସ୍ ଷ୍ଟିୟରିଂ ଧରାଇ ଦେଇଛି । ସେ ହେଲେ ଆମ ବସ୍ ଡ୍ରାଇଭର ପଲ୍ଲବୀ ଦେଉରୀ । ବୟସ ମାତ୍ର ୨୫ । ଘର ଆସାମରେ । ଓଡ଼ିଶାକୁ କ୍ରୀଡାବିତ୍ ହେବାର ସ୍ୱପ୍ନ ନେଇ ଆସିଥିବା ପଲ୍ଲବୀ ଆଜି ପରିବାର ପାଇଁ ଗାଡି ଚାଳକ ହୋଇଛନ୍ତି । ୧୦ ବର୍ଷ ତଳର କଥା । ଆସାମ ରାଜ୍ୟରେ ପରିବାର ସହିତ ବେଶ୍ ହସଖୁସିରେ ସମୟ ଅତିବାହିତ କରୁଥିଲେ ପଲ୍ଲବୀ । ଆକସ୍ମିକ ଭାବେ ବାପାଙ୍କ ପରଲୋକ ଘଟିଥିଲା । ବାପାଙ୍କ ପରଲୋକ ପରେ ଘରେ ମା' ଓ ବଡ଼ ଭାଇ । ସେ ସମୟରେ ପଲ୍ଲବୀ ସହିତ

### ୨୫ ବର୍ଷ ବୟସରେ 'ଆମ୍ ବସ୍' ଡ୍ରାଇଭର

ଜାତୀୟସ୍ତରର କ୍ରୀଡାବିତ୍ ଦୂତି ଚାନ୍ଦଙ୍କ ଭଉଣୀ ସରସ୍ୱତୀ ଚାନ୍ଦଙ୍କ ଭେଟ ହୋଇଥିଲା । ଦୌଡ଼ରାଣୀ ଭାବେ ପରିଚୟ ପାଇବା ଆଶାରେ ସେ ଆସାମ ଛାଡି ଓଡ଼ିଶା ପଳାଇ ଆସିଲେ । ଭୁବନେଶ୍ୱରରେ ରହି ଦୌଡ ପ୍ରଶିକ୍ଷଣ ନେବା ସହିତ ବାରଙ୍ଗ କୁଞ୍ଜବିହାରୀ କଲେଜରେ ଯୁକ୍ତ ୩ ପାଠ ପଢୁଥିଲେ ପଲ୍ଲବୀ । ଜଣେ ଦୌଡ଼ରାଣୀ ଭାବେ ସଫଳତା ମଧ ଅର୍ଜନ କରିଛନ୍ତି । ଆସାମ ରାଜ୍ୟରୁ ପ୍ରତିନିଧିତ୍ୱ କରି ୧୦୦ ମିଟର ଦୌଡ଼ରେ ୨ଟି ସ୍ୱର୍ଣ୍ଣପଦକ ସହିତ ୨ଟି ରୌପ୍ୟ ପଦକ ମଧ ହାସଲ କରିଛନ୍ତି । ସଫଳତାର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ମହାବଳ ବାଘ ଛାଲ ଜବତ, ଜଣେ ଗିରଫ

**ନବରଙ୍ଗପୁର(ଏନ୍.ଏମ୍.):** ୧୦ ଲକ୍ଷ ଟଙ୍କାରେ ବାଘ ଛାଲ ବିକ୍ରି ଉଦ୍ୟମ ବେଳେ ଚଢାଉ । ମହାବଳ ବାଘ ଛାଲ ଜବତ କରିଛି ବନବିଭାଗ । ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରେଞ୍ଜ ଅନ୍ତର୍ଗତ ପାତ୍ରୀ ସଂରକ୍ଷିତ ଜଙ୍ଗଲରୁ ଏହି ବାଘ ଛାଲ ଜବତ କରିଛି ବନବିଭାଗ । ଏଥିରେ ଜଣଙ୍କୁ ବନବିଭାଗ ଗିରଫ କରିଥିବା ବେଳେ ଦୁଇ ଜଣ ଫେରାର ହୋଇଯାଇଛନ୍ତି । ଗିରଫ ଅଭିଯୁକ୍ତ ଜଣକ ହେଲେ ଡାବୁଗାଁ ଥାନା ଅନ୍ତର୍ଗତ ପାତ୍ରୀ ଗ୍ରାମର ଶିବୁନ ଟାକ୍ରୀ ନବରଙ୍ଗପୁର ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସୂଚନା ଅନୁସାରେ ଗତ କିଛି ଦିନ ଧରି ଜିଲ୍ଲାରେ ମହାବଳ ବାଘ ଛାଲ କାରବାର ଚାଲୁଥିବା ନେଇ ଗୁପ୍ତ ସୂଚନା ପାଇବା ପରେ ବନବିଭାଗ ସତର୍କ ହୋଇଥିଲେ । ବାଘ ଛାଲ ବିକ୍ରି ପାଇଁ ଯୋଜନା କରାଯାଉଥିବା ନବରଙ୍ଗପୁର ବନ ଖଣ୍ଡ ଅଧିକାରୀ ଉଦୟନ ସୁବୁଦ୍ଧି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସିଏଫ୍ ସୁବାଷ ଚନ୍ଦ୍ର ଖୁଣ୍ଟିଆ ଓ ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତରାଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରିଥିଲେ । ଡାବୁଗାଁ ବନାଞ୍ଚଳ ଅନ୍ତର୍ଗତ ପାତ୍ରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପଛରେ ଥିବା ପାତ୍ରି ସଂରକ୍ଷିତ ଜଙ୍ଗଲ ମଧରେ ଜଣେ ବ୍ୟକ୍ତି ଏକ ବ୍ୟାଗ ରେ ରୟାଲ ବେଙ୍ଗଲ ( ମହାବଳ ) ବାଘ ଛାଲ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବନ ବିଭାଗ କର୍ମଚାରୀ ମାନେ ଗ୍ରାହକ ସାଜି ବାଘ ଛାଲ କିଣିବା ବାହାନାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ତେବେ ବନ କର୍ମଚାରୀଙ୍କୁ ଦେଖି ଦୁଇ ଜଣ ଜଙ୍ଗଲ ଭିତରେ ଦୌଡି ପଳାଇ ଥିଲେ । ବନ କର୍ମଚାରୀ ଜଣକୁ କାବୁ କରିଥିବା ବେଳେ ତା ନିକଟରୁ ଏକ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

'ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ: ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ; ସଫଳତାର ଅହଂକାର ମସ୍ତିଷ୍କକୁ ଯିବା ଅନୁଚିତ' - ଡ. ଅବଦୁଲ କଲାମ

ସୋମବାର,୨୨ରୁ୨୮ଜୁନ,୨୦୨୬

ନିଷ୍କର୍ଷ
NISHKARSHA

ଖୋଲା ସମୟ

## ବକ୍ସ ଅଫିସରେ ହେବ ବଡ଼ ଧମାକା !

# ଫରହାନ ମିଶାଇଲେ ସଲମାନଙ୍କ ସହ ହାତ



**ମୁମ୍ବାଇ(ଏଜେନ୍ସି):** ବଲିଉଡ଼ର ଭାଇଜାନ ତଥା ସଲମାନ ଖାନ୍। ବଡ଼ ପରଦାରେ ଗୋଟିଏ ଝଲକ ପାଇବାକୁ ଫ୍ୟାନ୍ସ ପାଗଳ ହୁଅନ୍ତି। ସିନେମାକୁ ଫ୍ୟାନ୍ସ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି। ଏବେ ତାଙ୍କ ଫ୍ୟାନ୍ସଙ୍କ ପାଇଁ ଖୁସି ଖବର। ସଲମାନ ଖାନ ପ୍ରଥମ ଥର ଜଣାଶୁଣା ନିର୍ଦ୍ଦେଶକ ଫରହାନ ଅଖତାରଙ୍କ ସହ ହାତ ମିଳାଇଛନ୍ତି। ଉଭୟଙ୍କ ମଧ୍ୟରେ ଏକ ଗ୍ରାଣ୍ଡ 'ପିରିୟଡ଼ ଡ୍ରାମା' ଫିଲ୍ମକୁ ନେଇ କଥା ଚାଲିଛି। ଏକ ରିପୋର୍ଟ ଅନୁସାରେ, ସଲମାନ ଏକ ପିରିୟଡ଼ ଡ୍ରାମା ଫିଲ୍ମକୁ ନେଇ ଫରହାନ ଅଖତାରଙ୍କ ସହ କଥା ହୋଇଛନ୍ତି। ଯାହା ଜନୈକ ଲୋକପ୍ରିୟ ଭାରତୀୟ କ୍ରିକେଟରଙ୍କ ଉପରେ ଆଧାରିତ। ଉଭୟଙ୍କ ମଧ୍ୟରେ ଗତ ଏକ ମାସରୁ ଅଧିକ ସମୟ ହେବ କଥାବାର୍ତ୍ତା ଚାଲୁଛି। ସଲମାନ ଏବଂ ଫରହାନ ବାରମ୍ବାର ବୈଠକ କରୁଛନ୍ତି ଏବଂ ଏହି ପ୍ରୋଜେକ୍ଟ ଉପରେ କାମ କରିବା ଲାଗି ଉତ୍ସାହିତ ଅଛନ୍ତି। ରିପୋର୍ଟରେ କୁହାଯାଇଛି କି ସଲମାନଙ୍କୁ ଫିଲ୍ମର କାହାଣୀ ବହୁତ ପସନ୍ଦ ଆସିଛି। ଏବେ କଥାବାର୍ତ୍ତା ଆରମ୍ଭ ହୋଇଯାଇଛି। ଏବେ ପେପରୱାର୍କ ପର୍ଯ୍ୟନ୍ତ ପହଞ୍ଚିଛି। ଏହି ଫିଲ୍ମକୁ ବଡ଼ ସ୍କେଲରେ ନିର୍ମାଣ କରାଯାଉଛି। ସଲମାନ ଏବଂ ଫରହାନଙ୍କ ଏହି ଫିଲ୍ମ ଦୁଇଟି ପାର୍ଟରେ ରିଲିଜ ହେବ। ଏହି ଫିଲ୍ମକୁ ଫରହାନ ଏବଂ ରିତେଶ ସିଧୱାନୀଙ୍କ କମ୍ପାନୀ 'ଏକ୍ସେଲ ଏଣ୍ଟରଟେନମେଣ୍ଟ' ନିର୍ମାଣ କରିବ ଏବଂ ଏହାର ସୁଟିଂ ୨୦୨୭ର ଗରମ ଦିନରେ ହେବ ବୋଲି ଅନୁମାନ କରାଯାଉଛି। ଯଦି ଆମେ ଦେଖିବା ଫରହାନ ଅଖତାର ଗତ କିଛି ଦିନରୁ ନିଜ ଅପକମିଂ ଫିଲ୍ମ 'ଡନ୍ ୩'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ରଣବୀର ସିଂହ ଅଚାନକ ଏହି ଫିଲ୍ମରୁ ବାହାରି ଯାଇଛନ୍ତି। ଯାହା ପରେ ସୋସିଆଲ ମିଡ଼ିଆରେ ବହୁ ହଙ୍ଗାମା ହୋଇଛି। କୁହାଯାଉଛି କି ଏବେ ହୃତିକ ରୋଶନ 'ଡନ୍ ୩'ରେ ରଣବୀରଙ୍କ ସ୍ଥାନ ନେଇପାରନ୍ତି।

## ସେତେବେଳର ନୀତି ସମ୍ପର୍କରେ ଖୁଲାସା କଲେ ବରିଷ୍ଠ ସେଲିବ୍ରିଟି ଫଟୋଗ୍ରାଫର୍

# କାହିଁକି ଡିମ୍ପଲ-ସନି ଦେଓଲଙ୍କ ଫଟୋ ଉଠାଇବା ଥିଲା ମନା ?



**ନୂଆଦିଲ୍ଲୀ(ଏଜେନ୍ସି):** ସନ୍ନି ଦେଓଲ ଏବଂ ଡିମ୍ପଲ କପାଡିଆ ଆଜିକାଲି ନିଜ ନିଜ ଜୀବନରେ ବ୍ୟସ୍ତ ଅଛନ୍ତି। କିନ୍ତୁ ଗୋଟିଏ ସମୟ ଥିଲା ଯେତେବେଳେ ସେମାନଙ୍କ ଡେଟିଂ ବିଷୟରେ ଗୁଜବ ପ୍ରଚାରିତ ହୋଇଥିଲା। ୧୯୮୦ ଦଶକରେ ଦୁହେଁ ଅନେକ ଫିଲ୍ମରେ ଏକାଠି କାମ କରିଥିଲେ ଏବଂ ସମଗ୍ର ଫିଲ୍ମ ଇଣ୍ଡଷ୍ଟ୍ରି ସେମାନଙ୍କ ସମ୍ପର୍କ ବିଷୟରେ ଅବଗତ ଥିଲା। ଯଦିଓ ସେମାନେ ସେମାନଙ୍କର ସମ୍ପର୍କକୁ ଗୋପନ ରଖିଥିଲେ ଏବଂ କେବେ ଏ ବିଷୟରେ କଥା ହୋଇନଥିଲେ, ଫଟୋଗ୍ରାଫରମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା ଯେ ଯେତେବେଳେ ଦୁଇ ଷ୍ଟାରଙ୍କୁ ଏକାଠି ଦେଖାଯାଏ ସେତେବେଳେ ଫଟୋ ନ ଉଠାଇବାକୁ। ଏହି ଖୁଲାସା କରିଛନ୍ତି ବରିଷ୍ଠ ସେଲିବ୍ରିଟି ଫଟୋଗ୍ରାଫର ଏବଂ ପାପାରାଜି ରମାକାନ୍ତ ମୁଣ୍ଡେ। ଏକ ସାକ୍ଷାତକାରରେ, ରମାକାନ୍ତ ସୋସିଆଲ ମିଡିଆ ଯୁଗର ବହୁ ପୂର୍ବରୁ ବଲିଉଡରେ ରହିଥିବା ଅଲିଖିତ ନିୟମ ବିଷୟରେ କହିଛନ୍ତି।

ରମାକାନ୍ତ ମୁଣ୍ଡେ କହିଛନ୍ତି, ଫଟୋଗ୍ରାଫରମାନଙ୍କୁ ସନି ଦେଓଲ ଏବଂ ଡିମ୍ପଲ କପାଡିଆଙ୍କ ଏକାଠି ଫଟୋ ଉଠାଇବାକୁ ଅନୁମତି ନଥିଲା। ସେ ପାପାରାଜି ଯୁଗ ପୂର୍ବରୁ ଫଟୋଗ୍ରାଫରମାନେ କିପରି କାର୍ଯ୍ୟ କରୁଥିଲେ ଏବଂ କିଛି ଷ୍ଟାର କିପରି ସେମାନଙ୍କର ବ୍ୟକ୍ତିଗତ ଜୀବନକୁ ସାଧାରଣ ଦୃଷ୍ଟିରୁ ଦୂରରେ ରଖିଥିଲେ ସେ ବିଷୟରେ କହିଛନ୍ତି।

ସନି ଦେଓଲ ଏବଂ ଡିମ୍ପଲ କପାଡିଆଙ୍କ ବିଷୟରେ ରମାକାନ୍ତ କହିଛନ୍ତି, 'ଫଟୋଗ୍ରାଫରମାନେ ଭଲ ଭାବରେ ଜାଣିଥିଲେ ଯେ ଦୁହେଁ ଏକାଠି ଫଟୋ ଉଠାଇବାକୁ ଚାହୁଁ ନଥିଲେ। ବେଳେବେଳେ ସେମାନେ ଫିଲ୍ମ ସେଟ୍, ଇଭେଣ୍ଟ କିମ୍ବା ଫଙ୍କସନ୍ରେ ନଜର ଆସୁଥିଲେ, କିନ୍ତୁ ସେମାନେ ଏକାଠି ଫଟୋ ଉଠାଇବାକୁ ପସନ୍ଦ କରୁ ନଥିଲେ। ଗଣମାଧ୍ୟମରେ ସମସ୍ତେ ଏହା ଜାଣିଥିଲେ।'

ସେ ଆହୁରି ମଧ୍ୟ କହିଛନ୍ତି, 'ଯେତେବେଳେ ଏହି ଦୁଇ ତାରକା ଗୋଟିଏ ସ୍ଥାନରେ ଥାଆନ୍ତି, ଫଟୋଗ୍ରାଫରମାନେ ପ୍ରାୟତଃ ପୂର୍ବରୁ ନିର୍ଦ୍ଦେଶ ପାଇଥାଆନ୍ତି। ସାଧାରଣତଃ, ସେମାନଙ୍କ ଟିମ୍ର କେହି ଜଣେ ଆସି ଆମକୁ କହିଦେଉଥିଲେ, କିମ୍ବା ଏକ ମେସେଜ ଆସୁଥିଲା, ଯାହା ସୂଚାଇ ଦେଉଥିଲା ଯେ ଏମାନଙ୍କର କୌଣସି ଫଟୋ ଉଠାଇବା ଉଚିତ୍ ନୁହେଁ।'

ରମାକାନ୍ତ ଆହୁରି କହିଛନ୍ତି, ଆଜିକାଲି ଯେଉଁଭାବରେ ପାପାରାଜି କଲଚର ଏବଂ ସେଲିବ୍ରିଟିଙ୍କ କ୍ୟାଣ୍ଡିଡ୍ ଫଟୋର ଧାରା ରହିଛି, ସେତେବେଳେ ତାହା ନଥିଲା। ସେତେବେଳେ, ସେଲିବ୍ରିଟିଙ୍କ ବ୍ୟକ୍ତିଗତ ଜୀବନର ସାଧାରଣ ଫଟୋଗୁଡ଼ିକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭାବରେ ବିବେଚନା କରାଯାଉନଥିଲା। ସେ କହିଛନ୍ତି, 'ସେତେବେଳେ ଏହି ପ୍ରକାରର ଜିନିଷର ଚାହିଦା ନଥିଲା। ସେତେବେଳକୁ ଯାହା ବିକ୍ରି ହେଉଥିଲା ତାହା ଥିଲା ସୁନ୍ଦର ଚିତ୍ର - ଯେଉଁଥିରେ ସୁନ୍ଦର ପୋଷାକ, ଅଳଙ୍କାର, ମେକଅପ୍ ଏବଂ ଏକ ଆକର୍ଷଣୀୟ ଲୁକ୍ ଥିଲା। ପ୍ରକାଶକମାନେ ମଧ୍ୟ ସୁନ୍ଦର ଫଟୋଗ୍ରାଫକୁ ପ୍ରାଥମିକତା ଦେଉଥିଲେ। ଆଜିକାଲି ଲୋକମାନେ ଜଣେ ସେଲିବ୍ରିଟିଙ୍କ ବ୍ୟକ୍ତିଗତ ଜୀବନର ପ୍ରତ୍ୟେକ ଦିଗ ପ୍ରତି ଆଗ୍ରହୀ, କିନ୍ତୁ ସେତେବେଳେ କିଏ କାହାକୁ ଭେଟୁଥିଲା ତାହା ଦର୍ଶାଉଥିବା ଫଟୋଗ୍ରାଫଗୁଡ଼ିକର ସେତେ ଗୁରୁତ୍ୱ ନଥିଲା।



# ବକ୍ସ ଅଫିସରେ ରାମ ଚରଣଙ୍କ ଧମାକା, ସାମିଲ ହେଲା ୩୦୦କୋଟି କ୍ଲବରେ



**ମୁମ୍ବାଇ(ଏଜେନ୍ସି):** ବକ୍ସ ଅଫିସରେ ଏବେ ହଇଚଇ ସୃଷ୍ଟି କରୁଛି ତେଲଗୁ ଭାଷାର ଚଳଚ୍ଚିତ୍ର। ଏହି ଫିଲ୍ମଟି ମାତ୍ର ୨ ସପ୍ତାହ ମଧ୍ୟରେ ଏତେ ଲୋକପ୍ରିୟତା ହାସଲ କରିଛି ଯେ, ସମସ୍ତଙ୍କ ଆଖି ଖୋସି ହୋଇ ଯାଉଛି। ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ ଭଲ କଲେକ୍ସନ କରିଥିବା ଜଣାପଡ଼ିଛି। ଚଳିତ ବର୍ଷର ଏହି ଚଳଚ୍ଚିତ୍ର ଏକ ଇତିହାସ ରଚିବ ବୋଲି ପ୍ରଯୋଜନା ସଂସ୍ଥା ମଧ୍ୟ ଆଶା ବ୍ୟକ୍ତ କରିଛି। ସୂଚନା ଅନୁଯାୟୀ, ରାମ ଚରଣଙ୍କ 'ପେଡ୍ଡି' ଦ୍ୱିତୀୟ ସପ୍ତାହରେ ଜବରଦସ୍ତ କଲେକ୍ସନ କରିଛି। ଏହା ୨୦୦ କୋଟି କ୍ଲବରେ ମଧ୍ୟ ସାମିଲ ହୋଇଛି। ଏହାସହ ଏହି ଫିଲ୍ମ ୨୦୨୬ର ସର୍ବାଧିକ ଗ୍ରସିଂ ଟଲିଉଡ୍ ଫିଲ୍ମ ହୋଇଯାଇଛି। ଫିଲ୍ମରେ ରାମ ଚରଣ ଏବଂ ଜାହ୍ନବୀ କପୁରଙ୍କ ଭଳି ଷ୍ଟାରର ଅଛନ୍ତି। ରିପୋର୍ଟ ଅନୁସାରେ, ଫିଲ୍ମଟି ଦ୍ୱିତୀୟ ଶୁକ୍ରବାରରେ ୬.୦୭କୋଟି କଲେକ୍ସନ କରିଛି। ପରେ ଦ୍ୱିତୀୟ ଶନିବାରରେ ଏହାର ଆୟ ୫୭.୩୩ପ୍ରତିଶତର ସଂଖ୍ୟା ଛୁଇଁଛି। ଫିଲ୍ମ ୯.୫୫କୋଟିର କଲେକ୍ସନ କରିଥିଲା। ଏକାଦଶ ଦିନ ରବିବାରରେ ଫିଲ୍ମଟି ୧୦.୮୫କୋଟିର କଲେକ୍ସନ କରିଛି। ଏହି ଫିଲ୍ମ ଭାରତରେ ନେଟ୍ ୨୧୬କୋଟିର କଲେକ୍ସନ କରିଛି। ସେହିଭଳି ଫିଲ୍ମ ଗ୍ରସ୍ ୨୫୪.୮୮କୋଟିର କଲେକ୍ସନ କରିଛି। ସେହିଭଳି ଫିଲ୍ମ ଓଭରସିସ୍ ଗ୍ରସ୍ ୫୧.୭୭କୋଟିର କଲେକ୍ସନ କରିଛି। ୱାର୍ଲ୍ଡୱାଇଡ୍ ଫିଲ୍ମ ୩୦୬.୬୩କୋଟି କଲେକ୍ସନ କରିଛି। ଏହି ଫିଲ୍ମ ଏବେ ୱାର୍ଲ୍ଡ ୱାଇଡ୍ ୩୦୦କୋଟି କ୍ଲବରେ ପ୍ରବେଶ କରିଛି। ଏହାସହ ଲିଡ୍ ଭାବେ ରାମ ଚରଣଙ୍କ ଏହା ପ୍ରଥମ ଫିଲ୍ମ ଭାବେ ୩୦୦କୋଟି କଲେକ୍ସନ କରିଥିବା ଫିଲ୍ମ ହୋଇଯାଇଛି। ଆରଆରଆର ପରେ ଏହା ତାଙ୍କର ଦ୍ୱିତୀୟ ୩୦୦କୋଟି କଲେକ୍ସନ ଫିଲ୍ମ ଅଟେ। ଫିଲ୍ମକୁ ଯେଉଁଭଳି ଭାବେ ରେସପନ୍ସ ମିଳୁଛି ଖୁବଶୀଘ୍ର ୩୫୦କୋଟି କ୍ଲବରେ ଏଣ୍ଟ୍ରି କରିବାର ଆଶା ରହିଛି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ପର୍କ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ରକ୍ତରେ ଶର୍କରା ହ୍ରାସ କରିବାର ଉପାୟ

ମଧୁମେହ ରକ୍ତରେ ଶର୍କରାସ୍ତରକୁ ଅତ୍ୟଧିକ ଉଚ୍ଚ କରିଥାଏ, ଯାହା ଫଳରେ ଏହାକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ। ରକ୍ତରେ ଶର୍କରା ନିୟନ୍ତ୍ରଣ କରି ନପାରିଲେ ହୃଦୟ, ବୃକକ୍, ଆଖି ଏବଂ ସ୍ନାୟୁ ସମସ୍ୟା ଗମ୍ଭୀର ହୋଇପାରେ। ଲୋକମାନେ ପ୍ରାୟତଃ ଶର୍କରା ନିୟନ୍ତ୍ରଣ କରିବା ପାଇଁ କେବଳ ଔଷଧ ଉପରେ ନିର୍ଭର କରନ୍ତି, କିନ୍ତୁ ସତ୍ୟ ହେଉଛି ଉପଯୁକ୍ତ ଖାଦ୍ୟ ରକ୍ତରେ ଶର୍କରାକୁ ଯଥେଷ୍ଟ ପରିମାଣରେ ନିୟନ୍ତ୍ରଣ କରିପାରିବ। ଟାଇପ୍ ୨ ମଧୁମେହ ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରତିଦିନ ଆମେ ଖାଉଥିବା ଖାଦ୍ୟ ଦ୍ୱାରା ଶରୀରକୁ ଇନସୁଲିନ୍ ଭଲ ଭାବରେ ବ୍ୟବହାର କରିବାରେ ସାହାଯ୍ୟ କରେ ଏବଂ ମାତ୍ର ସାତଦିନ ମଧ୍ୟରେ ରକ୍ତରେ ଶର୍କରାସ୍ତରର ଏକ ଉଲ୍ଲେଖନୀୟ ପାର୍ଥକ୍ୟ ଦେଖାଯାଇ ପାରେ। ପ୍ରଭାବଶାଳୀ ଖାଦ୍ୟ ରକ୍ତରେ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ମଧୁମେହ ରୋଗୀଙ୍କ ପାଇଁ ଭେଣ୍ଡି ଏକ ଉପକାରୀ। ଏଥିରେ ଫାଇବର ଭରପୂର, ଯାହା ଖାଇବା ପରେ ଚିନିକୁ ଧୀରେ ଧୀରେ ରକ୍ତରେ ଛାଡ଼ିଥାଏ। ଏହା ହଠାତ୍ ଚିନି ବୃଦ୍ଧି ହେବାର ଆଶଙ୍କା ହ୍ରାସ କରେ। ଭେଣ୍ଡି ଶରୀରରେ ଇନସୁଲିନ୍ ଉତ୍ପାଦନକୁ ଉନ୍ନତ କରେ, ଯାହା ସଠିକ୍ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିଥାଏ। ଆଭୋକାଡୋ ଟିକେ ମହଙ୍ଗା, କିନ୍ତୁ ଏହାର ଲାଭ ବହୁତ। ଏଥିରେ ପ୍ରଚୁର ପରିମାଣର ଫାଇବର ଏବଂ ସୁସ୍ଥ ଚର୍ବି ଥାଏ। ଏହା ମିଶି ପାଚନ ପ୍ରକ୍ରିୟାକୁ ଧୀର କରିଥାଏ ଏବଂ ରକ୍ତ ଶର୍କରାକୁ ସ୍ଥିର ରଖିଥାଏ। ଆଭୋକାଡୋ ଖାଇବା ଆପଣଙ୍କୁ ଅଧିକ ସମୟ ପାଇଁ ପେଟ ପୂରଣ କରିଥାଏ, ଯାହା ବାରମ୍ବାର ଭୋକ ଲାଗିବାକୁ ରୋକିବାରେ ସାହାଯ୍ୟ କରେ ଏବଂ ଅତ୍ୟଧିକ ଖାଇବାକୁ ରୋକିଥାଏ। ମଧୁମେହ ରୋଗୀଙ୍କ ପାଇଁ ଏହା ଏକ ଉତ୍କୃଷ୍ଟ ଫଳ। ସେହିଭଳି ଛତୁରେ କାର୍ବୋହାଇଡ୍ରେଟ୍ ବହୁତ କମ୍ ଏବଂ ଭିଟାମିନ୍, ଖଣିଜ ପଦାର୍ଥ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଥାଏ। ଛତୁ ଇନସୁଲିନ୍ ପ୍ରତିରୋଧକୁ ହ୍ରାସ କରିବାରେ ସାହାଯ୍ୟ କରେ। ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଗ୍ରୀନ୍ ଟିରେ ଥିବା କ୍ୟାଟେଚିନ୍ ଶରୀରର ଗ୍ଲୁକୋଜ୍ ମେଟାବୋଲିଜିମ୍ ଉନ୍ନତ କରିଥାଏ। ଏହା ଚର୍ବି ନଷ୍ଟ କରିବାରେ ମଧ୍ୟ ସାହାଯ୍ୟ କରେ, ଯାହା ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ମଧୁମେହ ପରିଚାଳନାକୁ ସହଜ କରିଥାଏ।

### ମା'ରାଣ ଦେହକୁ ନେବେନି...

ଟ୍ରମ୍ପ କହୁଚି ମାନିଯା ନହେଲେ
କରିବି ମୁଁ ଆକ୍ରମଣ...
ଇରାନ କହୁଚି ହର୍ମୁଜ ଖୋଲିଲି
ପୁଣିଯେ ସରତ କଣ... ?
ଉଠେକି ମୁହଁରେ ବ୍ରଣ...
ଖିଅର ହେଇଯା ନହେଲେ ଭୋଗିବୁ
ଦଉଚି ମୁଁ ଏବେ ଶାଣ...



- ସମ୍ମିତ ସେନାପତି

## ବୋଉର ରୋଷେଇ ଘର

# କଙ୍କଡା ତରକାରୀ

**ଆବଶ୍ୟକୀୟ ସାମଗ୍ରୀ:**

କଙ୍କଡ଼ା - ୭ ପିସ୍ (କଙ୍କଡ଼ା)
ଅଦା ପେଷ୍ଟ
ରସୁଣ ପେଷ୍ଟ
ପିଆଜ ପେଷ୍ଟ
ଟମାଟୋ ୧
ଜିରା ପାଉଡର
ତେଜପତ୍ର (ତେଜପତ୍ର)
ଲାଲ ଲଙ୍କା ପାଉଡର
ହଳଦୀ ପାଉଡର
ଗରମ ମସଲା
ତେଲ (ସୋରିଷ ତେଲ)
ସ୍ୱାଦ ଅନୁସାରେ ଲୁଣ



**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ କିଛି ପାଣି ଫୁଟାନ୍ତୁ ଏବଂ ସେଥିରେ କଙ୍କଡ଼ାଗୁଡ଼ିକୁ ୧୦ - ୧୫ ମିନିଟ୍ ପାଇଁ ପକାନ୍ତୁ।
ତାପରେ ଏହାର ଉପର ଅଂଶ କାଢି ସଫା କରନ୍ତୁ। କେବଳ ଶରୀର ଏବଂ ନଖ ରଖନ୍ତୁ।
ତାପରେ ଶରୀରକୁ ମଝିରୁ ଅଧା କାଟି ଦିଅନ୍ତୁ।
କଡାଇରେ ତେଲ ମାଡନ୍ତୁ ଏବଂ ଏହି କଙ୍କଡ଼ାଗୁଡ଼ିକୁ ୧୦ ମିନିଟ୍ ପାଇଁ ଭାଜନ୍ତୁ, କଡାଇରୁ ବାହାର କରନ୍ତୁ।
ତାପରେ କଡାଇରେ ୪-୫ ଚାମଚ ତେଲ ନେଇ ତାକୁ ମାଡନ୍ତୁ। ତାପରେ ତେଜପତ୍ର ପକାନ୍ତୁ।
ତାପରେ ସେହି ତେଲରେ ସମସ୍ତ ପେଷ୍ଟ ପକାଇ ଭାଜନ୍ତୁ।
ତାପରେ ଲଙ୍କା ପାଉଡର, ହଳଦୀ ପାଉଡର, ଜିରା ପାଉଡର ପକାଇ ୧୫ ମିନିଟ୍ ପାଇଁ ଭାଜନ୍ତୁ।
ତା'ପରେ ଏଥିରେ ଟମାଟୋ ପକାଇ ୫ ମିନିଟ୍ ପାଇଁ ଭାଜନ୍ତୁ।
ଏହି ମସଲାଗୁଡ଼ିକୁ ପେଷ୍ଟରୁ ତେଲ ବାହାରିବା ପର୍ଯ୍ୟନ୍ତ ଭାଜନ୍ତୁ, ତା'ପରେ ଭଜା କଙ୍କଡ଼ା ପକାଇ ମଧ୍ୟମ ଆଞ୍ଚରେ ୧୫ ମିନିଟ୍ ପାଇଁ ଭାଜନ୍ତୁ। ତା'ପରେ ଏଥିରେ କିଛି ପାଣି ମିଶାନ୍ତୁ। ୧୦-୧୫ ମିନିଟ୍ ପରେ ଏଥିରେ କିଛି ଗରମ ମସଲା ମିଶାନ୍ତୁ।
ତା'ପରେ ଏହାକୁ ଜାଳିରୁ କାଢିଦିଅନ୍ତୁ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




■ ଜି-୭ ସମ୍ମିଳନୀରେ ମୋଦୀଙ୍କୁ ମେଲୋନୀଙ୍କ ମଜାଳିଆ କଥା

# ‘ଆମେ ସବୁଠାରୁ ଲୋକପ୍ରିୟ ଯୋଡ଼ି’



**ନୂଆଦିଲ୍ଲୀ (ଏଜେନ୍ସି) :** ଫ୍ରାନ୍ସରେ ଆୟୋଜିତ ହୋଇଥିବା ୫୨ତମ ଜି-୭ ସମ୍ମିଳନୀ ବସରରେ ପୁଣି ଥରେ ଦେଖିବାକୁ ମିଳିଛି ‘ମେଲୋଡି’ର ଯାଦୁ। ଏହି ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସାକ୍ଷାତ ହୋଇଛି। ଭେଟଘାଟ ସମୟରେ ମେଲୋନୀ ମଜାକିଆ ଅନ୍ଦାଜରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କହିଥିଲେ ଯେ, ସେମାନେ ବର୍ତ୍ତମାନ ଇନଷ୍ଟାଗ୍ରାମରେ ସବୁଠାରୁ ଲୋକପ୍ରିୟ ଯୋଡ଼ି। ସେମାନଙ୍କର ଏହି ମଜାଳିଆ କଥାବାର୍ତ୍ତାର ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଶ୍ୱସ୍ତରୀୟ ମଞ୍ଚରେ ମୋଦୀ ଏବଂ ମେଲୋନୀଙ୍କ ବନ୍ଧୁତା ସର୍ବଦା ଚର୍ଚ୍ଚାର ବିଷୟ ପାଲଟିଥାଏ। ଇଣ୍ଟରନେଟ୍ ବ୍ୟବହାରକାରୀମାନେ ଉଭୟ ନେତାଙ୍କ ନାମକୁ ଯୋଡ଼ି #Melodi (ମେଲୋଡି) ହ୍ୟାସଟ୍ୟାଗ୍ ତିଆରି କରିଛନ୍ତି, ଯାହା ବାରମ୍ବାର ଟ୍ରେଣ୍ଡ୍ କରିଥାଏ। ଫ୍ରାନ୍ସରେ ଚାଲିଥିବା ସମ୍ମିଳନୀରେ ଉଭୟ ନେତା ପରସ୍ପରକୁ ଭେଟିବା କ୍ଷଣି ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଗତ ମେ’ ମାସରେ ମୋଦୀ ତାଙ୍କୁ ଉପହାର ସ୍ୱରୂପ ଦେଇଥିବା ଭାରତୀୟ ’ମେଲୋଡି’ ଚକୋଲେଟ୍ କିପରି ବିଶ୍ୱସ୍ତରରେ ଭାଇରାଲ ହୋଇଥିଲା, ସେ ନେଇ ମେଲୋନୀ ଖୁସି ବ୍ୟକ୍ତ କରିଥିଲେ। ଏହି ଦ୍ୱିପାକ୍ଷିକ ସାକ୍ଷାତ ଆଲୋଚନା ସମୟରେ ମେଲୋନୀ ହସି ହସି କହିଥିଲେ, ‘ଆମେ ହେଉଛୁ ଇନଷ୍ଟାଗ୍ରାମର ସବୁଠାରୁ ଲୋକପ୍ରିୟ ଯୋଡ଼ି’। ମେଲୋନୀଙ୍କ ଏହି କଥା ଶୁଣି ସେଠାରେ ଉପସ୍ଥିତ ଥିବା ଅନ୍ୟ ବିଶ୍ୱ ନେତାମାନେ ମଧ୍ୟ ହସି ପକାଇଥିଲେ। ବର୍ତ୍ତମାନ ଏହି ଦୃଶ୍ୟର ଭିଡିଓ ସାମ୍ନାକୁ ଆସିବା ପରେ ଏହା ଇଣ୍ଟରନେଟରେ ଧମାଲ ମଚାଉଛି ଏବଂ ନେଟିଜେନ୍ସମାନେ ବେଶ୍ ପସନ୍ଦ କରିବା ସହ ନିଜର ପ୍ରତିକ୍ରିୟା ମଧ୍ୟ ଦେଉଛନ୍ତି।

# ଗୋଟିଏ ଗ୍ରହକୁ ଗିଳି ପକାଇଲା ନକ୍ଷତ୍ର

## କ’ଣ ପୃଥିବୀ ସହ ହେବ କି ସମାନ ସ୍ଥିତି ?

**ନୂଆଦିଲ୍ଲୀ(ଏଜେନ୍ସି):** ଆମେ ଦେଖୁଥିବା ଆକାଶ ବାହାରେ ଥିବା ବ୍ରାହ୍ମାଣ୍ଡ ଅଗଣିତ ରହସ୍ୟରେ ପରିପୂର୍ଣ୍ଣ। ବ୍ରହ୍ମାଣ୍ଡର ଏକ ଅନନ୍ୟ ଘଟଣାରେ ଜ୍ୟୋତିର୍ବିଜ୍ଞାନୀମାନେ ଏବେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ପୃଥିବୀଠାରୁ ପ୍ରାୟ ୧୩୦୦ଆଲୋକବର୍ଷ ଦୂରରେ ଅବସ୍ଥିତ ଆମ ସୂର୍ଯ୍ୟ ପରି ଏକ ତାରା ନିଜର ଗୋଟିଏ ଗ୍ରହକୁ ଜୀବନ୍ତ ଗିଳି ଦେଇଛି। ଯାହାର ଆବିଷ୍କାର ଜ୍ୟୋତିର୍ବିଜ୍ଞାନୀମାନେ କରିଛନ୍ତି। ତାରା ନିଜେ ଏହି ମହାଜାଗତିକ ଅପରାଧକୁ ଲୁଚାଇ ପାରିଲା ନାହିଁ ଏବଂ ଏକ ରସାୟନିକ ପଦାର୍ଥ ଛାଡ଼ିଗଲା ଯାହାଦ୍ୱାରା ବୈଜ୍ଞାନିକମାନେ ପୂରା ରହସ୍ୟ ଉପରୁ ପର୍ଦ୍ଦାଫାଶ କରି ଦେଇଛନ୍ତି।

ଦ ଆଷ୍ଟ୍ରୋଫିଜିକାଲ ଜର୍ଣ୍ଣାଲରେ ପ୍ରକାଶିତ ଏକ ନୂତନ ଅଧ୍ୟୟନ ଅନୁଯାୟୀ ଟିଓଆଇ-୫୮୮୨ନାମକ ଏହି ତାରା ସାମ୍ପ୍ରତିକ ଇତିହାସରେ ନିଜର ଗୋଟିଏ ଗ୍ରହକୁ ଗିଳି ଦେଇଛି। ମିଶିଗନ ବିଶ୍ୱବିଦ୍ୟାଳୟର ବ୍ରୁକ କଟନଙ୍କ ନେତୃତ୍ୱରେ ଆମେରିକା ଏବଂ ଚିଲିର ୧୪ଜଣ ବୈଜ୍ଞାନିକଙ୍କ ଏକ ଟିମ୍ ଏହି ଗବେଷଣା କରିଛନ୍ତି। ଏହି ଉଲ୍ଲେଖନୀୟ ଆବିଷ୍କାରକୁ ବ୍ୟାଖ୍ୟା କରି ମୁଖ୍ୟ ଗବେଷକ ବ୍ରୁକ କଟନ ମଜାରେ କହିଥିଲେ, ‘ଆପଣ ସେହିଭଳି ହେଉଛନ୍ତି ଯାହା ଆପଣ ଖାଉଛନ୍ତି।



ପ୍ରକାଶ ଯେ, ତାରା ଗୁଡ଼ିକରେ ପ୍ରାକୃତିକ ଭାବେ ‘ଲିଥିୟମ୍’ ଧାତୁର ମାତ୍ରା ବହୁତ କମ୍ ହୋଇଥାଏ କିନ୍ତୁ ଏହାର ବିପରୀତ ଗ୍ରହରେ ଲିଥିୟମ ପ୍ରଚୁର ମାତ୍ରାରେ ମିଳିଥାଏ। ଯେତେବେଳେ କୌଣସି ତାରା କୌଣସି ଗ୍ରହକୁ ଗିଳିଥାଏ ତେବେ ସେ ଭାରୀ ମାତ୍ରାରେ ଲିଥିୟମକୁ ଶୋଷଣ କରିଥାଏ। ଏହା ତାରା ଭିତରେ ଏକ ରାସାୟନିକ ପରିବର୍ତ୍ତନ ଘଟାଇଥାଏ ଯାହାକୁ ଟେଲିସ୍କୋପ ଏବଂ ଆଧୁନିକ ଉପକରଣ ସାହାଯ୍ୟରେ ଚିହ୍ନଟ କରାଯାଇ ପାରିବ। ବୈଜ୍ଞାନିକମାନେ ସ୍ପେକ୍ଟ୍ରୋସ୍କୋପିର ଉପଯୋଗ କରି ଟିଓଆଇ-୫୮୮୨ରୁ ଆସୁଥିବା ଆଲୋକର ଯାଞ୍ଚ କରିଥିଲେ। ଏହି ଯାଞ୍ଚରେ ତାରାରେ ବାୟୁମଣ୍ଡଳରେ ଲିଥିୟମରସ୍ତର ଅସାମାନ୍ୟ ରୂପରେ ବହୁତ ଅଧିକ ମିଳିଥିଲା। ଏହି ଅସଙ୍ଗତିକୁ ନିଶ୍ଚିତ କରିବା ପାଇଁ ଗବେଷକମାନେ ସମାନ ବୟସ, ବସ୍ତୁତ୍ୱ ଏବଂ ତାପମାତ୍ରାର ଅନ୍ୟ ୬୨ଟି ସମାନ ତାରା ସହିତ ଉକ୍ତ ତାରାକୁ ତୁଳନା କରିଥିଲେ। ଏହାର ଫଳାଫଳ ଆଶ୍ଚର୍ଯ୍ୟଜନକ ବାହାରିଲା। ତଥ୍ୟର ଯେ କୌଣସି ବି ବିଶ୍ଳେଷଣ କରିବା ଉପରେ ଟିଓଆଇ-୫୮୮୨ ଏହାର ଗୋଷ୍ଠୀର ସମସ୍ତ ତାରାମାନଙ୍କ ମଧ୍ୟରୁ ସର୍ବାଧିକ ଲିଥିୟମ-ସମୃଦ୍ଧ ବୋଲି ଜଣାପଡ଼ିଥିଲା। ଏହି ତାରା ଏହାର ଶ୍ରେଣୀର ଅତି କମରେ ୯୭ପ୍ରତିଶତ ତାରାଙ୍କଠାରୁ ବହୁତ ଆଗରେ ଥିଲା। ତାରାଟିରେ ଥିବା ଲିଥିୟମର ପରିମାଣକୁ ଆଧାର କରି ବୈଜ୍ଞାନିକମାନେ ଆକଳନ କରିଛନ୍ତି ଯେ, ତାରାଟି ଯେଉଁ ଦୁର୍ଭାଗ୍ୟ ଗ୍ରହକୁ ଗିଳି ଦେଇଥିଲା ତାହାର ଆକାର ଆମ ପୃଥିବୀଠାରୁ କିଛି ଗୁଣ ବଡ଼ ହୋଇଥିବ, ନେପଚ୍ୟୁନ ପରି ବଡ଼। ଜ୍ୟୋତିର୍ବିଜ୍ଞାନରେ ଏକ ତାରା କୌଣସି ଗ୍ରହକୁ ଗିଳିବା ନୂଆ କଥା ନୁହେଁ, କିନ୍ତୁ ଏହାକୁ ଜୀବନ୍ତ ଦେଖିବା ପ୍ରାୟ ଅସମ୍ଭବ। ମହାଜାଗତିକ ସମୟରେ ଏହି ପ୍ରକ୍ରିୟା କେବଳ କିଛିଦିନ କିମ୍ବା ସପ୍ତାହ ସମୟ ନେଇଥାଏ କେବଳ ଆଖି ପିଛୁଳାକେ ଭଳି। ଏହି ଆବିଷ୍କାର ଆମ ନିଜ ସୌରମଣ୍ଡଳର ସୁଦୂର ଭବିଷ୍ୟତରେ ଏକ ଭୟଙ୍କର କିନ୍ତୁ ସତ୍ୟ ଝଲକ ପ୍ରଦାନ କରେ। ପ୍ରାୟ ୫ବିଲିୟନ ବର୍ଷ ପରେ, ଆମର ସୂର୍ଯ୍ୟ ମଧ୍ୟ ଇନ୍ଧନ ଶେଷ ହେବା ସହ ଏକ ଲାଲ ବିଶାଳକାୟ ହୋଇଯିବ ଏବଂ ବିସ୍ତାରିତ ହେବା ଆରମ୍ଭ କରିବ। ଏହି ସମୟ ମଧ୍ୟରେ ସୂର୍ଯ୍ୟ ବୁଧ ଏବଂ ଶୁକ୍ର ଗ୍ରହକୁ ସମ୍ପୂର୍ଣ୍ଣ ଭାବରେ ଗିଳିଦେବ। ଏହା ସମ୍ଭବ ଯେ ପୃଥିବୀ ମଧ୍ୟ ଏହି ଭୟଙ୍କର ରୂପର ଶିକାର ହୋଇପାରେ।

# ରାମ ମନ୍ଦିର ଦାନ ଅର୍ଥ ହେରଫେର ମାମଲା :୪୦ କର୍ମଚାରୀଙ୍କୁ ଏସ୍ଆଇଟିର ଜେରା

**ନୂଆଦିଲ୍ଲୀ (ଏଜେନ୍ସି) :** ଅଯୋଧ୍ୟାର ଶ୍ରୀ ରାମ ମନ୍ଦିରରେ ଭକ୍ତମାନଙ୍କ ଦ୍ୱାରା ଦିଆଯାଇଥିବା ଦାନ ଅର୍ଥରେ ହେରଫେର ଓ ଚୋରି ଅଭିଯୋଗର ତଦନ୍ତ ବର୍ତ୍ତମାନ ଜୋରସୋରରେ ଚାଲିଛି। ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ନିଜର ଖୋଳତାଡ଼ ଜାରି ରଖିଥିବା ବେଳେ ପ୍ରାୟ ୪୦ ଜଣ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଏହି ମାମଲାରେ ପୋଲିସ ନିକଟରେ ୩ଟି ପୃଥକ ଅଭିଯୋଗ ଦାଖଲ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୋଟିଏ ବି ଏସ୍ଆଇଟି ରୁଜୁ କରାଯାଇ ନାହିଁ। ଏସଆଇଟି ଟିମ୍ ମନ୍ଦିରରେ ଦାନ ଅର୍ଥ କିପରି ସଂଗ୍ରହ କରାଯାଏ ଏବଂ ବ୍ୟାଙ୍କରେ ଜମା ହୁଏ, ସେହି ପ୍ରକ୍ରିୟା ଉପରେ ମୁଖ୍ୟତଃ ନଜର ରଖିଛି। ତଦନ୍ତକାରୀ ଦଳକୁ ମିଳିଥିବା ସୂଚନା ଅନୁଯାୟୀ, ଦାନବାକ୍ସରୁ ଟଙ୍କା ସଂଗ୍ରହ କରିବା, ଗଣିବା ଏବଂ ବ୍ୟାଙ୍କରେ ଜମା କରିବା ପାଇଁ ପ୍ରାୟ ୪୦ ଜଣ କର୍ମଚାରୀ ଦୁଇଟି ସିଫ୍ଟରେ ନିୟୋଜିତ ଥିଲେ। ଏଥିରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଧିକାରୀ, ଏକ ଘରୋଇ ସଂଗ୍ରହ ଏଜେନ୍ସି ଏବଂ ମନ୍ଦିର ଟ୍ରଷ୍ଟର କର୍ମଚାରୀମାନେ ସାମିଲ ଥିଲେ। ଏଜେନ୍ସି କେବଳ ଦାନବାକ୍ସରୁ ଟଙ୍କା ଆଣି ଗୋପନୀୟ କକ୍ଷରେ ରଖିବା କାମ କରୁଥିବା ବେଳେ ବ୍ୟାଙ୍କ କର୍ମଚାରୀମାନେ ଗଣତି ପ୍ରକ୍ରିୟାର ତଦାରଖ କରୁଥିଲେ। ନୋଟ୍‌ଗୁଡ଼ିକୁ ବିଡ଼ା ବାନ୍ଧିବା ଏବଂ ଗଣିବା ଦାୟିତ୍ୱ ଟ୍ରଷ୍ଟ କର୍ମଚାରୀମାନେ ନିଜେ ତୁଲାଉଥିଲେ। ଦାନ ଅର୍ଥ ଚୋରି ଅଭିଯୋଗ ପରେ ବିଭିନ୍ନ ସଂଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏପର୍ଯ୍ୟନ୍ତ ଶ୍ରୀ ରାମ ଜନ୍ମଭୂମି ପୋଲିସ ଷ୍ଟେସନରେ ୩ ଜଣ ବ୍ୟକ୍ତି ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଧର୍ମସେନା ନେତା ସନ୍ତୋଷ ଦୁବେ, ଉତ୍ତରପ୍ରଦେଶ ଯୁବ କଂଗ୍ରେସର ଉପାଧ୍ୟକ୍ଷ ଶରଦ ଶୁକ୍ଲା ଏବଂ କରଣୀ ସେନାର ଜାତୀୟ ସଭାପତି ସୂରଜପାଲ ଅମ୍ମୁ ଏହି ମାମଲାରେ ତୁରନ୍ତ ଏଫଆଇଆର ରୁଜୁ କରିବାକୁ ଦାବି କରିଛନ୍ତି। କରଣୀ ସେନା ସଭାପତି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ଯେ, ଏତେ ବଡ଼ ହେରଫେର ପରେ ବି ଏପର୍ଯ୍ୟନ୍ତ କାହିଁକି କୌଣସି ଏସ୍ଆଇଟି ରୁଜୁ ହୋଇନାହିଁ ଏବଂ ଦୋଷୀଙ୍କ ଘର ଉପରେ କେବେ ବୁଲଡୋଜର ଚାଲିବ ? ଲକ୍ଷ୍ନୌ ଡିଭିଜନାଲ କମିଶନର ବିଜୟ ବିଶ୍ୱାସ ପନ୍ତଙ୍କ ନେତୃତ୍ୱରେ ଗଠିତ ଏହି ୩ ଜଣିଆ ଝଓଞ ଦଳ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଓ ଅନ୍ୟ ବରିଷ୍ଠ ପଦାଧିକାରୀଙ୍କୁ ମଧ୍ୟ ପଚରାଉଚରା କରିଛି। ଟ୍ରଷ୍ଟ ତରଫରୁ ଏକ ନିରପେକ୍ଷ ତଦନ୍ତ ପାଇଁ ଦାବି ହେବା ପରେ ଉତ୍ତରପ୍ରଦେଶ ସରକାର ଏହି ଟିମ୍ ଗଠନ କରିଥିଲେ। ଅନ୍ୟପକ୍ଷରେ ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବ ଏବଂ ଅନ୍ୟ ବିରୋଧୀ ନେତାମାନେ ଏହାକୁ ନେଇ ଶାସକ ଦଳ ଉପରେ ବର୍ଷିଛନ୍ତି। ଦାନ ଅର୍ଥ ହଡ଼ପକୁ ଏକ ବଡ଼ ଦୁର୍ନୀତି ଆଖ୍ୟା ଦେଇ ବିରୋଧୀମାନେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି କରୁଛନ୍ତି। ଏସ୍ଆଇଟି ତଦନ୍ତ ସରିବା ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ସୂଚନା ମିଳିଛି, ଯାହା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।

# ଆଇନ ଅଦାଲତ

## ମମତାଙ୍କୁ ହାଇକୋର୍ଟ ଝଟ୍‌କା : ପଶ୍ଚିମବଙ୍ଗ ବିଧାନସଭାରେ ରତବ୍ରତ ବାନାର୍ଜୀ ହେବେ ବିରୋଧୀ ଦଳ ନେତା

**କୋଲକାତା (ଏଜେନ୍ସି):** ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳ ନେତା ନିଯୁକ୍ତି ମାମଲାରେ ମମତା ବାନାର୍ଜୀଙ୍କ ଗୋଷ୍ଠୀକୁ କୋଲକାତା ହାଇକୋର୍ଟରୁ ବଡ଼ ଝଟ୍‌କା ଲାଗିଛି। ଏହି ନିଯୁକ୍ତି ପ୍ରକ୍ରିୟା ଉପରେ କୌଣସି ପ୍ରକାରର ଅନ୍ତରୀଣ ସ୍ଥଗିତାଦେଶ ଜାରି କରିବାକୁ କୋର୍ଟ ମନା କରିଦେଇଛନ୍ତି। ଫଳରେ ବିଧାନସଭା ବାଚସ୍ପତିଙ୍କ ନିଷ୍ପତ୍ତି ବଳବତ୍ତର ରହିବା ସହ ବିଦ୍ରୋହୀ ଟିଏମସି ବିଧାୟକ ରତବ୍ରତ ବାନାର୍ଜୀ ହିଁ ବିରୋଧୀ ଦଳ ନେତା ପଦରେ ରହିବେ ବୋଲି ସ୍ପଷ୍ଟ ହୋଇଛି। ବାଚସ୍ପତିଙ୍କ ଏହି ନିଷ୍ପତ୍ତିକୁ ତୃଣମୂଳ କଂଗ୍ରେସର ବରିଷ୍ଠ ନେତା ଶୋଭନଦେବ ଚାଟାର୍ଜୀ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

**ବାଚସ୍ପତିଙ୍କ ନିଷ୍ପତ୍ତିକୁ କୋର୍ଟଙ୍କ ସବୁଜ ସଙ୍କେତ :**

ଏହି ମାମଲାର ଶୁଣାଣି କରି ଜଷ୍ଟିସ କୃଷ୍ଣ ରାଓଙ୍କ ଖଣ୍ଡପୀଠ କହିଛନ୍ତି ଯେ, କୋର୍ଟ ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଦେବେ ନାହିଁ। କୋର୍ଟ ସମସ୍ତ ପକ୍ଷଙ୍କୁ ଦୁଇ ସପ୍ତାହ ମଧ୍ୟରେ ଜବାବୀ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୮ତାରିଖରେ ହେବ। ଅପରପକ୍ଷରେ ଟିଏମସି ସାଂସଦ ତଥା ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ କହିଛନ୍ତି ଯେ, କୋର୍ଟ କୌଣସି ଅନ୍ତରୀଣ ଆଦେଶ ଦେଇନଥିଲେ ବି ଆବେଦନକୁ ଗ୍ରହଣ କରିଛନ୍ତି, ତେଣୁ ଏହାର ଚୂଡ଼ାନ୍ତ ଶୁଣାଣି ଉପରେ ସମସ୍ତଙ୍କ ନଜର ରହିବ।

**କେମିତି ସୃଷ୍ଟି ହେଲା ବିବାଦ ?**

ବିରୋଧୀ ଦଳ ନେତା ପଦ ପାଇଁ ଟିଏମସି ପକ୍ଷରୁ ଦୁଇଟି ଅଲଗା ଅଲଗା ନାମ ପ୍ରସ୍ତାବ ଦିଆଯାଇଥିଲା। ମମତା ଗୋଷ୍ଠୀ ଦଳର ସରକାରୀ ଗୋଷ୍ଠୀ ପକ୍ଷରୁ ଶୋଭନଦେବ ଚାଟାର୍ଜୀଙ୍କ ନାମ ପଠାଯାଇଥିଲା। ବିଦ୍ରୋହୀ ଗୋଷ୍ଠୀ ଦଳର ଅସନ୍ତୁଷ୍ଟ ଓ ବିଦ୍ରୋହୀ ବିଧାୟକମାନେ ରତବ୍ରତ ବାନାର୍ଜୀଙ୍କ ନାମ ପ୍ରସ୍ତାବ କରିଥିଲେ। ବିଧାନସଭା ବାଚସ୍ପତି ରଥୀନ୍ଦ୍ର ବସୁ ବିଦ୍ରୋହୀ ଗୋଷ୍ଠୀର ପ୍ରସ୍ତାବକୁ ସ୍ୱୀକାର କରି ରତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ମାନ୍ୟତା ଦେଇଥିଲେ। ବାଚସ୍ପତିଙ୍କ ଓକିଲ ବିକ୍ଷଦଳ ଭଟ୍ଟାଚାର୍ଯ୍ୟ କୋର୍ଟରେ ଦଲିଲ୍ ରଖିଥିଲେ ଯେ, ‘ପଶ୍ଚିମବଙ୍ଗ ବିଧାନସଭା ଭତ୍ତା ଅଧିନିୟମ, ୧୯୩୭’ ଅନୁଯାୟୀ, ଗୃହର ସର୍ବବୃହତ ବିରୋଧୀ ଦଳର ନେତାଙ୍କୁ ବାଚସ୍ପତି ମାନ୍ୟତା ଦେଇଥାନ୍ତି ଏବଂ ଏହି ମାମଲାରେ ବାଚସ୍ପତିଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ।

**ବିଧାୟକଙ୍କ ଜାଲ୍ ଦସ୍ତଖତ ଅଭିଯୋଗ : ସିଆଇଡି ତଦନ୍ତ ଆରମ୍ଭ**

ଏହି ସମ୍ପୂର୍ଣ୍ଣ ବିବାଦ ଭିତରେ ଏକ ଜାଲ୍ ଦସ୍ତଖତ ମାମଲା ଏବେ ରାଜନୀତିକୁ ଅଧିକ ସରଗରମ କରିଛି। ଟିଏମସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ପକ୍ଷରୁ ଶୋଭନଦେବଙ୍କ ପାଇଁ ପଠାଯାଇଥିବା ସମର୍ଥନ ପତ୍ରରେ ବିଧାୟକମାନଙ୍କ ଦସ୍ତଖତ ଜାଲ୍ ବୋଲି ଅଭିଯୋଗ ହୋଇଛି। ରତବ୍ରତ ବାନାର୍ଜୀ ଏବଂ ସନ୍ଦୀପନ ସାହା ଏହି ଅଭିଯୋଗ ଆଣିବା ପରେ ବିଧାନସଭା ସଚିବ ଏକ ଏଫ୍ଆଇଆର୍ ଦାଖଲ କରିଥିଲେ। ବର୍ତ୍ତମାନ ପଶ୍ଚିମବଙ୍ଗ କ୍ରାଇମ ଇନଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସିଆଇଡି) ଏହି ଜାଲିଆତିର ଆନୁଷ୍ଠାନିକ ତଦନ୍ତ କରୁଛି। ବିଧାୟକମାନଙ୍କ ବୟାନ ରେକର୍ଡ କରାଯିବା ସହ ସେମାନଙ୍କ ହାତଲେଖା ଓ ଦସ୍ତଖତର ନମୁନା ସଂଗ୍ରହ କରାଯାଉଛି।

## ଚର୍ଚ୍ଚିତ ଚାମେଲିଙ୍କ ଘଟଣା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ (ଏନ୍.ଏମ୍.):** ରାଜ୍ୟର ରାଜନୀତିକୁ ଦୋହଲାଇ ଦେଇଥିବା ବହୁ ଚର୍ଚ୍ଚିତ ଚାମେଲି ଓଝାଙ୍କ ଘଟଣାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପ୍ରଶାସନ କିଭଳି ବର୍ବରତା ପ୍ରଦର୍ଶିତ କରିଛି ତାହା ଦର୍ଶାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନ ଡିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ ଓ ଥାନାରେ ପ୍ରାଣାନ୍ତକ ଆକ୍ରମଣ ଘଟଣାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ବୋଲି ଦର୍ଶାଯାଇଛି। ଏହି ଜନସ୍ୱାର୍ଥ ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ ଡ଼ିଜି, କେନ୍ଦ୍ରାପଡ଼ା ଏସପି ଓ ଆଇଆଇସି, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏହା ପୂର୍ବରୁ ସରପଞ୍ଚ ଚାମେଲି ଓଝା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଚିଠି ଲେଖିଛନ୍ତି। ଦୁର୍ବ୍ୟବହାର ଓ ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଓଡ଼ିଆରେ ସେ ଏହି ଚିଠି ଲେଖିଛନ୍ତି। ତ୍ୱରିତ ହସ୍ତକ୍ଷେପ ଓ ନ୍ୟାୟ ଦାବି କରିଛନ୍ତି। ପୂର୍ବରୁ ହସ୍ତକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ବହୁ ବାଦବିବାଦରେ ଚାମେଲିଙ୍କୁ ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରୁ ଜାମିନ ମିଳିଛି।

ସୂଚନାଯୋଗ୍ୟ ଯେ, ଚାମେଲିଙ୍କୁ ଜାମିନ ପ୍ରଦାନ କରିଛନ୍ତି ଏସ୍‌ଡିଜେଏମ୍ କୋର୍ଟ। ମହାକାଳପଡ଼ା ପୁଲିସ୍ ଏସଆଇ ଓ ହୋମଗାର୍ଡଙ୍କୁ ଆକ୍ରମଣ ଅଭିଯୋଗରେ ଚାମେଲିଙ୍କୁ ଜାମିନ୍ ମିଳିଛି। ଏବେ ବି କେନ୍ଦ୍ରାପଡ଼ା ମେଡିକାଲ୍‌ରେ ଚିକିତ୍ସାଧୀନ ଅଛନ୍ତି ଚାମେଲି। ଗତକାଲି ମହାକାଳପଡ଼ା ପୁଲିସ୍ ଚାମେଲି ଓ ତାଙ୍କ ଭାଇଙ୍କ ଫୋନ୍ ତାଙ୍କ ବାପାଙ୍କୁ ଫେରାଇ ଦେଇଛି। ସେପଟେ ଚାମେଲିଙ୍କ ଏତଲା ଆଧାରରେ ଜଣଙ୍କୁ ଗିରଫ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନଥିବା ଚାମେଲି ଅଭିଯୋଗ କରିଛନ୍ତି।

## ସାଇବର ଅପରାଧୀଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

### ‘ଏମାନେ ଜେଲ୍‌ରେ ରହିବା ହିଁ ସମାଜ ପାଇଁ ମଙ୍ଗଳ’

**ନୂଆଦିଲ୍ଲୀ(ଏଜେନ୍ସି):** ଦେଶରେ କାୟା ମେଲାଉଥିବା ସାଇବର ଅପରାଧକୁ ନେଇ ସର୍ବୋଚ୍ଚ ଅଦାଲତ ଶକ୍ତ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟ ସାଇବର ପ୍ରତାରଣା ମାମଲାର ଜଣେ ଅଭିଯୁକ୍ତର ଜାମିନ ଆବେଦନକୁ ସିଧାସଳଖ ଖାରଜ କରିଦେଇଛନ୍ତି। କେବଳ ସେତିକି ନୁହେଁ, ଆବେଦନର ଶୁଣାଣି ବେଳେ ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ବେଞ୍ଚ ଏଭଳି ଅପରାଧୀଙ୍କ ସମ୍ପର୍କରେ ଅତ୍ୟନ୍ତ ଗମ୍ଭୀର ଓ କଠୋର ଟିପ୍ପଣୀ କରିଛନ୍ତି। ସମାଜର ହିତ ପାଇଁ ଏଭଳି ଲୋକ ଜେଲ୍ ଭିତରେ ରହିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି। ସାଇବର ଅପରାଧ ମାମଲାରେ ଜାମିନ ଆବେଦନ ଖାରଜ କରି ସିଜେଆଇ ସୂର୍ଯ୍ୟକାନ୍ତଙ୍କ ବେଞ୍ଚ କହିଛନ୍ତି ଯେ, ଏଭଳି ଅପରାଧୀମାନେ ସାରା ଦେଶର ନିରୀହ ଲୋକଙ୍କୁ ନିଜର ଶିକାର ବନାଉଛନ୍ତି। ଏହାଦ୍ୱାରା ସାଧାରଣ ଜନତା ମାନସିକ ଓ ବଡ଼ ଧରଣର ଆର୍ଥିକ କ୍ଷତି ସହୁଛନ୍ତି। ଅନଲାଇନ୍ ଠକେଇ କରୁଥିବା ସାଇବର ଅପରାଧୀଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରି ପ୍ରଧାନ ବିଚାରପତି ଏହି ଟିପ୍ପଣୀ ଦେଇଛନ୍ତି। ଶୁଣାଣି ସମୟରେ ସୁପ୍ରିମକୋର୍ଟ ଦେଶର ସାଇବର ସୁରକ୍ଷା ଓ ଅପରାଧର ଚେରକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସାଇବର ଅପରାଧୀମାନେ ପ୍ରାୟତଃ ଏକାସଙ୍ଗେ ଏକାଧିକ ରାଜ୍ୟରେ ନିଜର ବେଆଇନ କାର୍ଯ୍ୟକଳାପ ଚଳାଉଛନ୍ତି। ବିଭିନ୍ନ ରାଜ୍ୟରେ ନେଟୱର୍କ ରହୁଥିବାରୁ ଏହି ଅପରାଧର ଚିହ୍ନଟ କରିବା ଏବଂ ଏହାର ସଠିକ୍ ତଦନ୍ତ କରିବା ପୁଲିସ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ଏଭଳି ସ୍ଥିତିରେ ଦେଶ ଏବଂ ସମାଜକୁ ସୁରକ୍ଷିତ ରଖିବା ପାଇଁ ଏହି ମାମଲାଗୁଡ଼ିକ ପ୍ରତି ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିବାର ସମୟ ଆସିଛି ବୋଲି ଅଦାଲତ ସଂକେତ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଏକ ମାସ ମଧ୍ୟରେ ଏହା ଦ୍ୱିତୀୟ ଘଟଣା, ଯେଉଁଠାରେ ସିଜେଆଇ ସୂର୍ଯ୍ୟକାନ୍ତ କୌଣସି ମାମଲାରେ ନିଷ୍ପତ୍ତି ଶୁଣାଇବା ପୂର୍ବରୁ ଏଭଳି କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ଗତ ମେ’ ମାସରେ ମଧ୍ୟ ଏକ ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତିଙ୍କ ସମାନ ଆଭିମୁଖ୍ୟ ଦେଖିବାକୁ ମିଳିଥିଲା। ଜଣେ ଓକିଲ ନିଜକୁ ‘ସିନିୟର ଆଡଭୋକେଟ୍’ ମାନ୍ୟତା ଦେବା ପାଇଁ ଆବେଦନ କରି ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। ସେତେବେଳେ ଦେଶର ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକୁ ବିନା କୌଣସି ଦାୟିତ୍ୱବୋଧରେ ଟାର୍ଗେଟ୍ କରୁଥିବା ଲୋକଙ୍କ ଉପରେ ସିଜେଆଇ ବର୍ଷିଥିଲେ। ସିଜେଆଇ ସୂର୍ଯ୍ୟକାନ୍ତ କହିଥିଲେ ‘ସମାଜରେ ପୂର୍ବରୁ ହିଁ କିଛି ଏଭଳି ପରଜୀବୀ ଅଛନ୍ତି, ଯେଉଁମାନେ ବ୍ୟବସ୍ଥା ଉପରେ ଆକ୍ରମଣ କରନ୍ତି ଏବଂ ଆପଣ ସେମାନଙ୍କ ସହ ସାମିଲ ହେବାକୁ ଚାହୁଁଛନ୍ତି। ସେ ଆହୁରି ମଧ୍ୟ କହିଥିଲେ, ‘କିଛି ଏଭଳି ଯୁବକ ଅଛନ୍ତି, ଯେଉଁମାନେ ‘ଅସରପା’ ଭଳି; ଯେଉଁମାନଙ୍କୁ କୌଣସି ରୋଜଗାର ମିଳେନାହିଁ କିମ୍ବା ନିଜ ପେସାରେ ସେମାନଙ୍କର କୌଣସି ସ୍ଥାନ ନଥାଏ। ସେମାନଙ୍କ ମଧ୍ୟରୁ କିଛି ମିଡିଆ ବନିଯାନ୍ତି, କିଛି ସୋସିଆଲ ମିଡିଆ, ଆରଟିଆଇ ଆକ୍ଟିଭିଷ୍ଟ କିମ୍ବା ଅନ୍ୟ ଆକ୍ଟିଭିଷ୍ଟ ସାଜି ସମସ୍ତଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରିଦିଅନ୍ତି ।’

## ଭବାନୀପୁରରୁ ପରାଜୟ ସ୍ୱୀକାର କରୁନାହାନ୍ତି ମମତା ବାନାର୍ଜୀ

### ଫଳାଫଳ ନେଇ ହାଇକୋର୍ଟରେ ଦେଲେ ଚ୍ୟାଲେଞ୍ଜ

**କୋଲକାତା (ଏଜେନ୍ସି):** ତୃଣମୂଳ କଂଗ୍ରେସର ମୁଖ୍ୟ ତଥଶ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭବାନୀପୁର ବିଧାନସଭା ଆସନରୁ ନିଜର ପରାଜୟ ନେଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ ଦେଇଛନ୍ତି। ମମତା ବାନାର୍ଜୀ ନିର୍ବାଚନ ପରିଣାମକୁ ରଦ୍ଦ କରିବା, ଭୋଟ ପୁନଃଗଣନା କରିବା ଓ ଅନ୍ୟ କିଛି ଦାବି ନେଇ ଆବେଦନ ଦାଖଲ କରିଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ମମତା ଭବାନୀପୁର ବିଧାନସଭା ଫଳାଫଳକୁ ଚ୍ୟାଲେଞ୍ଜ କରି ହଠାତ କଲିକତା ହାଇକୋର୍ଟରେ ପହଞ୍ଚିଥିଲେ। ତାଙ୍କ ସହିତ ସାଂସଦ ଡେରେକ୍ ଓ’ବ୍ରାଏନ୍, ଡୋଲା ସେନା ଏବଂ କଲ୍ୟାଣ ବାନାର୍ଜୀ ମଧ୍ୟ ଥିଲେ। ରିପୋର୍ଟ ଅନୁସାରେ, ସେ ଆବେଦନ ପତ୍ରରେ ଦସ୍ତଖତ କରିବା ପାଇଁ କୋର୍ଟରେ ପହଞ୍ଚିଥିଲେ।

ଭବାନୀପୁର ଆସନରେ ମମତା ବାନାର୍ଜୀ ଏବଂ ଶୁଭେନ୍ଦୁ ଅଧିକାରୀଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଆସନରେ ବିଜୟୀ ହୋଇଥିଲେ ଏବଂ ମମତା ବାନାର୍ଜୀ ହାରିଯାଇଥିଲେ। ଭବାନୀପୁର ଆସନ ମମତାଙ୍କୁ ସୁରକ୍ଷିତ ଦୁର୍ଗ ଭାବରେ ମନେକରାଯାଏ। ଗତ କିଛି ନିର୍ବାଚନରେ ଟିଏମସି ଲଗାତାର ସେଠାରେ ଜିତିଥିଲା। ଚଳିତ ବର୍ଷ ନିର୍ବାଚନରେ କଡ଼ା ପ୍ରତିଦ୍ୱନ୍ଦ୍ୱିତାରେ ଶୁଭେନ୍ଦୁ ଅଧିକାରୀ ମମତା ବାନାର୍ଜୀଙ୍କୁ ୧୫,୧୦୪ ଭୋଟରେ ପରାସ୍ତ କରିଥିଲେ। ଶୁଭେନ୍ଦୁ ଅଧିକାରୀ ୭୩,୯୧୭ ଭୋଟ ପାଇଥିଲେ,ସେଭଳି ମମତା ୫୮,୮୧୨ ଭୋଟ ପାଇଥିଲେ। ତୃତୀୟ ସ୍ଥାନରେ ଥିବା ସିପିଏମର ଶ୍ରୀଜୀବ ବିଶ୍ୱାସ ୩୫୫୬ ଭୋଟ ପାଇଥିଲେ।

ଏହି ଆବେଦନ ଭବାନୀପୁର ବିଧାନସଭା ନିର୍ବାଚନର ରେଜଲ୍ଟ ଘୋଷଣା ହେବାର କିଛି ଦିନ ପରେ ଦାଖଲ କରାଯାଇଥିଲା। ନିର୍ବାଚନରେ ବିଜେପିର ବରିଷ୍ଠ ନେତା ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମମତା ବାନାର୍ଜୀଙ୍କୁ ୧୫୦୧୫ ଭୋଟରେ ହରାଇଥିଲେ। ଏହି ପରାଜୟ ମମତା ବାନାର୍ଜୀଙ୍କ ପାଇଁ ବଡ଼ ଝଟକା ଥିଲା। କାରଣ ଭବାନୀପୁର ଦୀର୍ଘ ସମୟ ଧରି ତାଙ୍କର ଗଡ ବୋଲି କୁହାଯାଉଥିଲା। ଯେଉଁଠି ତୃଣମୂଳ କଂଗ୍ରେସର କର୍ମୀଙ୍କ ପ୍ରଭାବ ଭଲ ଥିଲା। ୪ ମଇ ୨୦୨୬ରେ ଭବାନୀପୁର ଆସନ ପାଇଁ ଭୋଟ ଗଣତି ସମୟରେ, ଆରୋପ ଏବଂ ପ୍ରତି-ଆରୋପ ଏବଂ ସୁରକ୍ଷା ବାହିନୀ ସହିତ ହସ୍ତକ୍ଷେପ ସହିତ ବହୁତ ହଙ୍ଗାମା ହୋଇଥିଲା। ଏହା ପୂର୍ବରୁ ବି ମମତା ନନ୍ଦିଗ୍ରାମ୍ରୁ ହାରିବା ସମୟରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୨୦୨୧ ରେ ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମ୍ରେ ମମତା ବାନାର୍ଜୀଙ୍କୁ ମାତ୍ର ୧୯୫୬ ଭୋଟରେ ହରାଇଥିଲେ। ମମତା ସେତେବେଳେ କୋଲକାତା ହାଇକୋର୍ଟଙ୍କ ଆଗରେ ଆବେଦନ ଦାଖଲ କରି ଅଭିଯୋଗ କରିଥିଲେ ଯେ, ନନ୍ଦିଗ୍ରାମ୍ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଭୋଟ ପୁନଃଗଣନା କରିବା ବିରୋଧରେ ଧମକ ଦିଆଯାଇଥିଲା। ଦୁଇଟି ଆବେଦନ ଏବେ ହାଇକୋର୍ଟରେ ଶୁଣାଣି ହେବ।




# ୧୪୯ ନମ୍ବର ଜାତୀୟ ରାଜପଥ ଅବରୋଧ



**କଣିହାଁ (ଏନ୍.ଏମ୍.) :** କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତ ଶିପୁର ଗ୍ରାମ ମଧ୍ୟସ୍ଥଳୀରେ ନିର୍ମାଣ ହେବାକୁ ଥିବା ଜୈବ ଟ୍ରିଟମେଣ୍ଟ ଓ ବର୍ଜ୍ୟବସ୍ତୁ ଟ୍ରିଟମେଣ୍ଟ ସୁବିଧା ପ୍ଲାଣ୍ଟକୁ ବନ୍ଦ କରିବା ନିମନ୍ତେ ଆଜି ୧୪୯ ନମ୍ବର ଜାତୀୟ ରାଜପଥ ସରଧାପୁର ଛକ ଓ ଶିପୁର ବର ଛକଠାରେ ଜାତୀୟ ରାଜପଥକୁ ୧୨ ଘଣ୍ଟା ପାଇଁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି । ଲୋକଙ୍କ କହିବା କଥା କି ଜୈବ ପ୍ଲାଣ୍ଟ ତିଆରି ହେଲେ ଏଠାରେ ପ୍ରାୟ ୨୦ରୁ ଅଧିକ ଗାଁ ଲୋକ ମାନେ ବହୁ ଅସାଧ୍ୟ ରୋଗରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ଅଛି । ଏ ଜାତୀୟ ରାଜପଥ ବନ୍ଦ ହେବା ଦ୍ୱାରା ହଜାର ହଜାର ଲୋକ ଯିବା ଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେବେ, ଘଟଣା ସ୍ଥଳରେ ସମଲ ପୋଲିସ ପହଞ୍ଚି ସେଠାକାର ସ୍ଥିତିକୁ ଆୟତ୍ତ ଭିତରେ ରଖିଥିଲେ ଏବଂ କଣିହାଁ ତହସିଲଦାର ପ୍ରଣବ ପ୍ରକାଶ ପ୍ରଧାନ ଓ ଏସ.ଡି.ପି.ଓ ଭରତ ଚନ୍ଦ୍ର ସାହୁ ଓ ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଆସି ପ୍ରତିଶ୍ରୁତି ଦେଲେ କି ଜୈବ ପ୍ଲାଣ୍ଟର ପୁଙ୍ଖାନୁପୁଙ୍ଖ ଭାବରେ ତଦନ୍ତ କରି ଆଗାମୀ ଦିନରେ ତାହା ବନ୍ଦ କରିବାପାଇଁ ଚେଷ୍ଟା କରାଯିବ । ପରେ କର୍ଣ୍ଣପାଳ ପଞ୍ଚାୟତର ସମସ୍ତ ସଦସ୍ୟ ଏ ଆନ୍ଦୋଳନକୁ ସ୍ଥଗିତ କରିଥିଲେ ।

## ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

**ନୂଆପଡ଼ା(ଏନ୍.ଏମ୍.):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ କଲ୍ୟାଣ ମଣ୍ଡପ ୨ ଠାରେ ଖଡ଼ିଆଳ ବ୍ଲକ ପକ୍ଷରୁ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ସଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଥିଲା । ଆୟୋଜିତ ସଭାରେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା, ଲୋକ କଲ୍ୟାଣମୂଳକ ପଦକ୍ଷେପ ଓ ଅଞ୍ଚଳର ବିକାଶ ଧାରା ଉପରେ ଆଲୋଚନା କରାଯାଇଥିଲା । ବକ୍ତାମାନେ ରାଜ୍ୟର ସାମଗ୍ରିକ ବିକାଶ, ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ଼ୀକରଣ, ମହିଳା ସଶକ୍ତିକରଣ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ମତ ରଖିଥିଲେ ।

# ଗୋପବନ୍ଧୁ ଦାସଙ୍କ ୯୮ତମ ତିରୋଧାନ ଦିବସ

**ବ୍ରହ୍ମପୁର (ଏନ୍.ଏମ୍.) :** ଦେଶପ୍ରେମ ଓ ମାନବ ସେବାର ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ ତମ ମୃତ୍ୟୁ ବାର୍ଷିକୀରେ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ଆଜି ସ୍ଥାନୀୟ ଗିରିରୋଡ ଛକ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ ଅନୁଷ୍ଠିତ ହୋଇଯାଇଛି । ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ ପ୍ରତିମୂର୍ତ୍ତିରେ ଯଥା ମର୍ଯ୍ୟାଦାର ସହ ମାଲ୍ୟାର୍ପଣ କରିଥିଲାବେଳେ ସମିତି ସମ୍ପାଦକ ଏସ.ସାମ୍ବଶିବା ରାଓ ସ୍ମୃତି ଚାରଣ ସଭାରେ ଅଧ୍ୟକ୍ଷତା କରିଥିଲେ । ସଂପ୍ରତିକ ପରିସ୍ଥିତିରେ ଦେଶ, ଦେଶର ସମ୍ପତ୍ତି,ବ୍ୟବସ୍ଥା ପରିବର୍ତ୍ତନ ପାଇଁ ରାଜନୀତି ଓ ଦେଶବାସୀଙ୍କ ଅଧିକାର ସଙ୍କଟରେ ପଡିଥିବାବେଳେ ଗୋପବନ୍ଧୁଙ୍କ ତ୍ୟାଗ, ସଂଘର୍ଷ, ସେବା ଓ ରାଜନୀତି ଆମ ମାନଙ୍କ ମନରେ ଦେଶପ୍ରେମ ର ବହ୍ନି ସୃଷ୍ଟି କରୁଛି ବୋଲି ମଞ୍ଚ ସଭାପତି ଶ୍ରୀ ମଲ୍ଲିକ ମତବ୍ୟକ୍ତ କରିଥିଲେ । ଗୋପବନ୍ଧୁ ତାଙ୍କ ଜୀବନରେ ଅନେକ ଝଡ ଝଞ୍ଜାର ସମ୍ମୁଖୀନ ହୋଇଛନ୍ତି ଦରିଦ୍ର ଲୋକମାନଙ୍କ ସେବାରେ ନିଜକୁ ସଦା ଲୀନ କରିଦେଇଛନ୍ତି । ନିଜ ପରିବାର କଥା ମଧ୍ୟ ଭୁଲିଯାଇ ସେ ଦେଶ ମାତୃକା ସେବାରେ ନିଜ ଜୀବନକୁ ଖସ ଦେଇଛନ୍ତି । ୧୯୨୮ ଜୁନ୍ ୧୭ ତାରିଖ ସତ୍ୟବାଦୀ ଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦେହାନ୍ତ ଘଟିଥିଲା । ସେ ବଞ୍ଚିଥିଲେ ମାତ୍ର - ପଚାଶ ବର୍ଷ ଛ ' ମାସ ଆଠ ଦିନ । ମଣିଷ ଜୀବନ ଆୟୁଷ ସମ୍ବନ୍ଧରେ ଗୋପବନ୍ଧୁ ଉଲ୍ଲେଖ କରିଥିଲେ -

'ମଣିଷ ଜୀବନ ନୁହଇ କେବଳ
ବର୍ଷ - ମାସ - ଦିନ - ଦଣ୍ଡ
କର୍ମେ ଜିଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ ' ।




ତାଙ୍କ ସ୍ମୃତି ଚାରଣରେ ସମିତିର କାର୍ଯ୍ୟକର୍ତ୍ତା ମାନଙ୍କ ମଧ୍ୟରେ ଉପଦେଷ୍ଟା ଆର୍. ସତ୍ୟ ନାରାୟଣ ରାଓ, ଆଦିତ୍ୟ ନାରାୟଣ ରଥ, ଗୁଣନିଧି ବେହେରା, ବିଜୟ କୁମାର ପାଢ଼ୀ, ଜୟ କୃଷ୍ଣ ନାୟକ, ଅବନୀ ଗୟା ପ୍ରମୁଖ ମତବ୍ୟକ୍ତ କରିଥଲେ । ସଭା ଶେଷରେ ସମିତି ସମ୍ପାଦକ ଧନ୍ୟବାଦ ଜଣାଇଥିଲେ ।

## ମହିଳାଙ୍କୁ ପ୍ରେମ ନିବେଦନ କରିବା ଶରଣକୂଳ ଥାନା ଅଧିକାରୀଙ୍କୁ ପଡ଼ିଲା ମହଙ୍ଗା

# ଭିଡ଼ିଓ ଭାଇରାଲ, ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ପୀଡିତା

**ନୟାଗଡ(ଏନ୍.ଏମ୍.):** ପୁଣି ନୟାଗଡରେ ଲଜ୍ୟା । ପୋଲିସ ଅଧିକାରୀଙ୍କ ରାସଲୀଳା, ଭିଡ଼ିଓ ଭାଇରଲ । ଗତ କିଛିଦିନ ତଳେ ଖଣ୍ଡପଡା ସ୍ୱଦପ ଏସଡିପିଓ ମଦନ ମୋହନ ପ୍ରଧାନ ଜଣେ ମହିଳାଙ୍କୁ ଫେଭର ମାଗିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପୁଣି ଏକ ମହିଳାଙ୍କୁ ପ୍ରେମ ନିବେଦନ କରିବାର ଅଭିଯୋଗ ଆସିଛି ଶରଣକୂଳ ଥାନାରେ କାର୍ଯ୍ୟରତ ଆଇଆଇସି ସୁଜିତ କୁମାର ଦାସଙ୍କ ବିରୁଦ୍ଧରେ । ଅଭିଯୋଗ ଅନୁଯାୟୀ ଶରଣକୂଳ ଥାନା ଜାମୁସାହି ଗ୍ରାମର କୁନି ବେହେରାଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଜମି ବାଡ଼ି ବିବାଦକୁ ନେଇ ୩/୦୫/୨୬ରେ ଏକ ଗଣ୍ଡଗୋଳ ହୋଇଥିଲା । ଏନେଇ ପୀଡିତା ଜଣଙ୍କ ଶରଣକୂଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ସମୟ ଗଡ଼ିବା ସହିତ ପୀଡିତା ପରିବାର ଲୋକଙ୍କ ସହିତ ଥାନାକୁ ବାରମ୍ବାର ଦୌଡିବା ପରେ ଥାନା ଅଧିକାରୀ ସୁଜିତ କୁମାର ପୀଡ଼ିତାର ଫୋନ ନମ୍ବର ନେବା ସହିତ ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କିଛି ଦିନ ଯିବା ପରେ ନ୍ୟାୟ କଣ ଦେବେ ବଦଳରେ ଫୋନ କରି ପ୍ରେମ ନିବେଦନ କଲେ ଏବଂ ମୋ ମଜବୁରିର ଫାଇଦା ଉଠାଇ ମୋ ସହିତ ଜୋର ଜବରଦସ୍ତ କରି ଶାରୀରିକ ସମ୍ପର୍କ ରଖିଲେ ଏବଂ ଧମକ ଦେଲେ ଯଦି ଏହି ଘଟଣାକୁ ପ୍ରଘଟ କରୁ କିମ୍ବା କାହାକୁ କହୁ ତୋ ପରିବାର ଲୋକଙ୍କୁ ମିଛ କେସରେ ଫସେଇ ଦେବି । ଏନେଇ ପୀଡିତା ଜଣକ ଲୋକ ଲଜ୍ୟା ଭୟରେ କାହାକୁ କିଛି କହୁ ନଥିଲେ । ହେଲେ ବାବୁଙ୍କ ପ୍ରେମ ଛାଡିନଥିଲା, ପ୍ରାୟତଃ ସମୟ ପୀଡିତାଙ୍କୁ ଭିଡ଼ିଓ କଲରେ ଖରାପ ମେସେଜ କରିବା ସହିତ ଅଶ୍ଳୀଳ ଫଟୋ, ଭିଡ଼ିଓ ଛାଡିବା ପାଇଁ ବାଧ୍ୟ କରିଥାନ୍ତି । ଏହା ସହିତ ତାଙ୍କ କ୍ୱାଟରକୁ ଡ଼ାକନ୍ତି,କିନ୍ତୁ ପୀଡିତା ଜଣକ ରାଜି ହେଉ ନଥିଲେ ବୋଲି ପୀଡିତା ଭିଡିଓ ମାଧ୍ୟମରେ ପ୍ରକାଶ କରିଛନ୍ତି । ଶେଷରେ ବାଧ ହୋଇ ପୀଡିତା ଜଣକ ନ୍ୟାୟ ପାଇଁ ନୟାଗଡ ଏସପିଙ୍କ ଦ୍ୱାରସ୍ତ ହେବା ସହିତ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏସପିଙ୍କ ସୂଚନା ଅନୁସାରେ ଘଟଣାର ତଦନ୍ତ କରାଯିବ, ଯିଏ ଦୋଷୀ ତା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଜୁନ୍ ୨୪ ଯାଏଁ ବିଜେପିର ମହାସଚେତନତା କାର୍ଯ୍ୟକ୍ରମ

**ପୁରୁଷୋତ୍ତମପୁର (ଏନ୍.ଏମ୍.):** ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟବ୍ୟାପୀ ପାଳିତ ହେଉଥିବା 'ବିକଶିତ ଓଡ଼ିଶା– ସଶକ୍ତ ଓଡ଼ିଶା' କାର୍ଯ୍ୟକ୍ରମ ଅନ୍ତର୍ଗତ ପୁରୁଷୋତ୍ତମପୁର ବ୍ଲକ ପରିସରରେ ଜୁନ ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହବ୍ୟାପୀ ଜନସଚେତନତା ଓ ସରକାରୀ ଯୋଜନା ପ୍ରଚାର କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହା ମାଧ୍ୟମରେ ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷର ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣ ଯୋଜନା ଏବଂ ଭବିଷ୍ୟତର ରୂପରେଖା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଉଛି । ପ୍ରଥମ କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ଥିଲା 'ଅନୁସୂଚିତ ଜାତି ଓ ଜନଜାତିଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ବିକାଶ' । ଏହି ଅବସରରେ




ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟକ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକମାନେ ଯୋଗଦେଇଥିଲେ । ସେମାନେ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ କଲ୍ୟାଣକାରୀ ଯୋଜନା, ଶିକ୍ଷା ସହାୟତା, ଆବାସ, ଛାତ୍ରବୃତ୍ତି, ଜୀବିକା ବିକାଶ ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପାଇଥିଲେ । କାର୍ଯ୍ୟକ୍ରମରେ ଖଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୁରୁଷୋତ୍ତମପୁର ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା ଏବଂ ସ୍ଥାନୀୟ ବିଡ଼ିଓ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟଦକ୍ଷତା ଓ ବିକାଶ ଯାତ୍ରା ସମ୍ପର୍କରେ ମତ ପ୍ରକାଶ କରିବା ସହିତ ଅନୁସୂଚିତ ଜାତି ଓ ଜନଜାତିଙ୍କ ସଶକ୍ତିକରଣ ପାଇଁ ସରକାର ନେଇଥିବା ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ । ବକ୍ତାମାନେ କହିଥିଲେ ଯେ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ସାମଗ୍ରିକ ବିକାଶ ରାଜ୍ୟ ସରକାରଙ୍କ ପ୍ରାଥମିକତା ମଧ୍ୟରୁ ଅନ୍ୟତମ । ଏହି ଲକ୍ଷ୍ୟ ନେଇ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ସ୍ୱାବଲମ୍ବନ ଓ ରୋଜଗାର କ୍ଷେତ୍ରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ସରକାରୀ ସୁବିଧାରୁ କେହି ବଞ୍ଚିତ ନ ହୁଅନ୍ତୁ, ସେଥିପାଇଁ ପ୍ରଶାସନିକ ସ୍ତରରେ ମଧ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।

# ନୟାଗଡ଼ ଚାଇଲ୍ଡ ହେଲ୍ପଲାଇନ୍ ଏବଂ ଶ୍ରମ ବିଭାଗର ମିଳିତ ଚଢ଼ଉ

**ନୟାଗଡ଼ (ଏନ୍.ଏମ୍.) :** ରାଜ୍ୟରେ ଶିଶୁ ଶ୍ରମିକ ଭଳି ବ୍ୟାଧିକୁ ରୋକିବା ପାଇଁ ସରକାରଙ୍କ ଠାରୁ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଲାଗିପଡ଼ିଛନ୍ତି । ଏ ନେଇ ପଥ ପ୍ରାନ୍ତ ନାଟକ ସହିତ ବିଭିନ୍ନ ସଭାସମିତିରେ ସଚେତନତା କରାଯାଉଛି । ଏଥିସହିତ ବିଭିନ୍ନ ବେସରକାରୀ ଅନୁଷ୍ଠାନ ମଧ ଶିଶୁଶ୍ରମିକ ବନ୍ଦ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି । ମାତ୍ର ଏସବୁ କେବଳ କାଗଜପତ୍ରରେ ଚାଲିଥିବା ଭଳି ମନେ ହେଉଛି । ହୋଟେଲ ହେଉ ବା ଗ୍ୟାରେଜ ସବୁଆଡେ ଦେଖିବାକୁ ମିଳୁଛନ୍ତି ଶିଶୁ ଶ୍ରମିକ । ଏହି ପରିପ୍ରେକ୍ଷୀରେ ନୟାଗଡ଼ ଚାଇଲ୍ଡ ହେଲ୍ପଲାଇନ୍ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଆଜି ଓଡଗାଁ ଅଞ୍ଚଳର ବିଭିନ୍ନ ଗ୍ୟାରେଜରେ ଚାଲିଥିବା ଯାଞ୍ଚ ସମୟରେ ୨ ଜଣ ଶିଶୁଙ୍କୁ ଶିଶୁ ଶ୍ରମିକ ଭାବେ କାର୍ଯ୍ୟରତ ଅବସ୍ଥାରୁ ଉଦ୍ଧାର କରାଯାଇଛି । ଉଦ୍ଧାର ପରେ ଶିଶୁମାନଙ୍କୁ ସୁରକ୍ଷା ଏବଂ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇ




ନୟାଗଡ଼ର ସି ଡବ୍ଲିୟୁସିଙ୍କ ସମ୍ମୁଖରେ ହାଜର କରାଯାଇ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ । ଓଡଗାଁ ବଜାର ମହି ଗ୍ୟାରେଜ ଓ ମା ମଙ୍ଗଳା ବାଇକ ପଏଣ୍ଟ ରୁ ୨ ଟି ପିଲା ଉଦ୍ଧାର କରା ଯାଇଛି । ଏହି ପିଲାଗୁଡିକ ଗ୍ୟାରେଜ ମାନଙ୍କ ରେ ୧ ମାସରୁ ଅଧିକ ହେବ କାମ କରୁଥିଲେ । ଶିଶୁ ଶ୍ରମ ନିରାକରଣ ଓ ଶିଶୁ ଅଧିକାର ସୁରକ୍ଷା ଦିଗରେ ଏହି ଉଦ୍ଧାର କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଜିଲ୍ଲାରେ ଶିଶୁ ଶ୍ରମ ବିରୋଧୀ ଅଭିଯାନ ଆଗାମୀ ଦିନରେ ମଧ ଜାରି ରହିବ । ଏହି ଟିମରେ ଏ ଏଲ ଓ ମୋନିକା ସେଠ ଓ ଚାଇଲଡ ହେଲ୍ପ ଲାଇନର ସଂଯୋଜକ ପ୍ରବୋଧ ନନ୍ଦ ବିହାରୀ, କାଉନସିଲର ଚନ୍ଦ୍ରଶେଖର ବେହେରା ଓ ଓଡଗାଁ ପୋଲିସ ସାମିଲ ଥିଲେ ।

# ସାମ୍ବାଦିକ ଓ ସାମାଜିକ ଗଣମାଧ୍ୟମ ଜନହିତକର ଯୋଜନା ପ୍ରସାର କରିବାକୁ ଅନୁରୋଧ କଲେ ମନ୍ତ୍ରୀ

**ଖୋର୍ଦ୍ଧା(ଏନ୍.ଏମ୍.):** ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମବାୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ତଥା ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ପ୍ରଦୀପ ବଳ ସାମନ୍ତ 'ବିକାଶର ଧାରା,ଓଡ଼ିଶା ସାରା' ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାରୀ ଜନସଂପର୍କ ଏବଂ ନାଗରିକ ସହଭାଗିତା ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷରେ ସଫଳତା, ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ବିକାଶ ମୁଖୀ କାର୍ଯ୍ୟକ୍ରମ ଓ ଅଗ୍ରଣୀ ଯୋଜନା ସମ୍ବନ୍ଧରେ ଆଲୋଚନା କରି ସାମ୍ବାଦିକ ମାନେ ସରକାରଙ୍କ ଦୁଇ ବର୍ଷର ସଫଳତା ହିତାଧିକାରୀ ଯୋଜନାର ପ୍ରଚାର ପ୍ରସାର ଦିଗରେ କଲମ ଚାଳନା କରିବାକୁ ସମ୍ବୋଧନ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ




ସରକାରଙ୍କ ରାଜ୍ୟରେ ଓ ଖୋର୍ଦ୍ଧା ଜିଲ୍ଲାରେ ଦ୍ୱିତୀୟ ବର୍ଷରେ ଉଲ୍ଲେଖନୀୟ ସଫଳତା ଉପରେ ସମସ୍ତ ଗଣମାଧ୍ୟମକୁ ସୂଚନା ଦେଇ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କ ବିଭିନ୍ନ ଗଠନ ମୂଳକ ପ୍ରଶ୍ନର ଉତ୍ତର ରଖିଥିଲେ । ସେହିପରି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ବିଧାୟକ, ଖୋର୍ଦ୍ଧା ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାର ବିଭିନ୍ନ ଅଗ୍ରଣୀ ଯୋଜନା କାର୍ଯ୍ୟ କାରିତା ଉପରେ ଗଣ ମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ କ୍ଷ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ କ୍ଷ ସାମ୍ବାଦିକ ସମ୍ମିଳନୀରେ ଭାଜପା ଜିଲ୍ଲା ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନାଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଜନ ପ୍ରତିନିଧି, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ ।

# ବଲାଙ୍ଗିର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା କମିଟି ଘୋଷଣା

**ବଲାଙ୍ଗିର(ଏନ୍.ଏମ୍.):** ରାଜ୍ୟ ବିଜେପି ନିର୍ଦ୍ଦେଶ କ୍ରମେ ବିଧିବଦ୍ଧ ଭାବେ ବଲାଙ୍ଗିର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା କମିଟି ଘୋଷଣା କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶ୍ରୀବସ୍ତ ବେହେରା, ବଲାଙ୍ଗିର ଜିଲ୍ଲା ପ୍ରଭାରୀ ପର୍ଶୁରାମ ମାଝୀ, ଯଦୁମଣି ପାଣିଗ୍ରାହୀ, ଗୋପାଳଜୀ ପାଣିଗ୍ରାହୀ, ଯଜ୍ଞେଶ୍ୱର ବାବୁ, ବଲ୍ଲଭ ଧାରୁଆ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଭାବେ ଅମରଜିତ୍ ପଟେଲ୍, ସାଧାରଣ ସମ୍ପାଦକ ଭାବେ ଦେବବ୍ରତ ନିନା, ଆଦର୍ଶ ପାଣିଗ୍ରାହୀ, ଉପସଭାପତି ଭାବେ ଅନିରୁଦ୍ଧ ପଶାୟତ, ଅଙ୍କିତ ସିଂଦେଓ, ଶ୍ରୀକାନ୍ତ ବେହେରା, ଦେବବ୍ରତ ବିଶି, ମନୀଷ ଶର୍ମା । ସମ୍ପାଦକ ଭାବେ ସରୋଜ ଥାଟି, ନୌରାଜ୍ ରଣା, ଋତୁରାଜ ପଧାନ, ଅରୁଣ ସାହୁ, ଦିବ୍ୟ ପଣ୍ଡା । ଅଫିସ ସମ୍ପାଦକ ରାଜେଶ ସାହୁ, କୋଷାଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା, ସୋସିଆଲ ମିଡିଆ ଶିବା ସୁନା । ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ବିବେକାନନ୍ଦ ପୁରୋହିତ, ମୋନାଲିସା ମହାନ୍ତି, ରଞ୍ଜନ ପଧାନ, ସମୀର ପଧାନ, ଜିତେନ୍ଦ୍ର ସାହୁ ମନୋନୀତ ହୋଇଛନ୍ତି ।

## ନୃସିଂହନାଥ ପରିଦର୍ଶନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ବରଗଡ ସାଂସଦ



**ବରଗଡ(ଏନ୍.ଏମ୍.) :** କେନ୍ଦ୍ର ସରକାରଙ୍କ ଶ୍ରମ, ବୟନ ଶିଳ୍ପ ଓ ଦକ୍ଷତା ବିକାଶ ସମ୍ବନ୍ଧୀୟ ସ୍ଥାୟୀ ସଂସଦୀୟ କମିଟିର ଅଧ୍ୟକ୍ଷ, ସାଂସଦ ତଥା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ରସରାଜ ବୋମାଇଙ୍କ ସହିତ ଷ୍ଟାଣ୍ଡିଂ କମିଟି ସଦସ୍ୟ ତଥା ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ପଶ୍ଚିମବଙ୍ଗ ଗସ୍ତ କରିଥିବା ସମୟରେ ସେମାନେ ପଶ୍ଚିମବଙ୍ଗର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ସାକ୍ଷାତକରି ତାଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧନା ଜଣାଇଥିଲେ । ସୂଚନାଯୋଗ୍ୟ ଯେ, ସଂସଦୀୟ କମିଟିର ସପ୍ତାହ ବ୍ୟାପୀ ଏହି ଗସ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ଝାରସୁଗୁଡ଼ା ତଥା ପଶ୍ଚିମବଙ୍ଗର ଦାର୍ଜିଲିଂ ଓ କଲିକତା ସାମିଲ ରହିଛି । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ଉକ୍ତ ପ୍ରତିନିଧିଦଳଙ୍କୁ ୧୫ ତାରିଖ ଦିନ ରାତ୍ର ଭୋଜନ ପାଇଁ ନିମନ୍ତ୍ରଣ କରିଥିଲେ । ଉକ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପ୍ରାୟ ୧୫ଜଣ ରାଜ୍ୟସଭା ଓ ଲୋକସଭା ସାଂସଦଙ୍କୁ ମୁଖ୍ୟମନ୍ତ୍ରୀ ଭବ୍ୟ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ସମୟରେ ସାଂସଦ ପ୍ରଦୀପ ପୁରୋହିତ ବରଗଡ଼ ଜିଲ୍ଲାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀ ନୃସିଂହନାଥ ମନ୍ଦିର ପରିଦର୍ଶନ କରିବା ପାଇଁ ଶ୍ରୀ ଅଧିକାରୀଙ୍କୁ ନିମନ୍ତ୍ରଣ କରିଥିଲେ । ନୃସିଂହନାଥ ଧାମର ଐତିହ୍ୟ, ଧାର୍ମିକ ମହତ୍ତ୍ୱ ଓ ଜାତୀୟ ପର୍ଯ୍ୟଟନ ସମ୍ଭାବନା ସମ୍ପର୍କରେ ସେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରତି ଉତ୍ତରରେ ଶ୍ରୀ ଅଧିକାରୀ କହିଥିଲେ ଯେ, ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ ଦୀର୍ଘଦିନରୁ ସାଂସ୍କୃତିକ, ଭାଷାଗତ ଓ ଭାବଗତ ସମ୍ପର୍କ ରହିଆସିଛି । ଏହି ଐତିହାସିକ ବନ୍ଧନକୁ ଆହୁରି ସୁଦୃଢ଼ କରିବା ପାଇଁ ସେ ଭବିଷ୍ୟତରେ ନୃସିଂହନାଥ ଧାମ ଗସ୍ତ କରିବାକୁ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି । ଏହି ସୌଜନ୍ୟମୂଳକ ସାକ୍ଷାତକାର ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ସାଂସ୍କୃତିକ ଓ ସାମାଜିକ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ବରଗଡ ସାଂସଦ ଶ୍ରୀ ପୁରୋହିତ ମଧ ଆଶା କରିଛନ୍ତି ।

# ମୁଁ ସମର୍ଥ ହେବି କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ

**ବରଗଡ (ଏନ୍.ଏମ୍.):** ଆଜିର ଯୁଗ ବିଜ୍ଞାନର ଯୁଗ । ବିଜ୍ଞାନ ବିନା ମଣିଷ ବଞ୍ଚିପାରିବ ନାହିଁ । ତେଣୁ ଆଜିର ଯୁବପୀଢ଼ି କିଭଳି ବିଜ୍ଞାନକୁ କାମରେ ଲଗାଇ ନିଜର ଦକ୍ଷତା ପ୍ରତିପାଦିତ କରିବେ ସେ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉଦ୍ୟମ କରାଯାଇଛି । ଏହି ଅବସରରେ ମୁଁ ସମର୍ଥ ହେବି 'ଏକ ବିଜ୍ଞାନ ତଥା କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ ବରଗଡ଼ସ୍ଥିତ କମଗାଁ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ସଂଚାରକ ଲକ୍ଷ୍ମୀ ନାରାୟଣ ବହ୍ନି ସଂଯୋଜନା କରିଥିଲେ । ବିଭିନ୍ନ ପ୍ରାନ୍ତରରୁ ବିଭିନ୍ନ ବିଶେଷଜ୍ଞ ମାନେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ କ୍ୟାରିଅର ଗଠନ ବିଷୟରେ ଶିକ୍ଷାଦାନ କରିଥିଲେ । ପୂର୍ବତନ ଡାଇରେକ୍ଟର ଜେନେରାଲ ଏନ.ସି.ସି. ବି. ଏମ., ଡକ୍ଟର ବିଏନ ମହାପାତ୍ର, ସି.ଏସ.ଆଇ. ଆର ବୈଜ୍ଞାନିକ କୃଷ୍ଣ ଚନ୍ଦ୍ର ଗୌଡ଼, ଆସିଷ୍ଟାଣ୍ଟ ପ୍ରଫେସର, ଗୀତମ ବିଶ୍ୱ ବିଦ୍ୟାଳୟ, ବିଶାଖାପଟ୍ଟନମ, ଡଃ ନିରଞ୍ଜନ ଏ. କାମ୍ପି, ଆସିଷ୍ଟାଣ୍ଟ ପ୍ରଫେସର, ସମାଜତତ୍ତ୍ୱ ବିଭାଗ, ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ, ପୁରୀ, ଡ. ଏଲିଶା ମହାନ୍ତି ଗାୟକ ତଥା ସଂଗୀତକାର, ବିଭୁତି ଭୂଷଣ ପଟ୍ଟନାୟକ ଓ ସଂଗୀତଜ୍ଞ ମୋତିଲାଲ ଦୋରା, ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ବିଭାଗର ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଜ୍ଞାନ ପ୍ରତି ରୁଚି ରଖୁଥିବା ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଛାତ୍ରୀମାନଙ୍କୁ ବିଜ୍ଞାନ କ୍ଷେତ୍ରରେ କିଭଳି କ୍ୟାରିୟର ଗଠନ କରିପାରିବେ ସେ ନେଇ ଆଲୋଚନା କରାଯାଇଥିଲା । ପରିଶେଷରେ ଅଧାପିକା ଡକ୍ଟରଦୀପିକା କୁମାରୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧାପିକା ଜ୍ୟୋତିର୍ମୟୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ଏପରି ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ କରି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରୁଥିବାରୁ ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ସଂଚାଳକ ଶ୍ରୀ ବହ୍ନିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।



# 'ବିକାଶର ଧାରା ଓଡ଼ିଶା ସାରା' ତଥା 'ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ' କାର୍ଯ୍ୟକ୍ରମ

## ପୁରୀ ମହାନଗର ନିଗମ ପକ୍ଷରୁ ନୂତନ ଭତ୍ତା ବଣ୍ଟନ



**ପୁରୀ(ଏନ୍.ଏମ୍.):** ଓଡ଼ିଶାର ନୂତନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ରାଜ୍ୟବାପୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ତଥା ଓଡ଼ିଶା ସରକାରଙ୍କ ଜନହିତକର ପଦକ୍ଷେପ 'ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ' କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେଉଛି । ଏହି ଅବସରରେ ଜଗନ୍ନାଥ ଧାମ ପୁରୀ ମହାନଗର ନିଗମ ପକ୍ଷରୁ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଧାୟକ ସୁନୀଲ କୁମାର ମହାନ୍ତି, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ଏବଂ ସହକାରୀ କମିଶନର ଅରିଜିତ ନାୟକ ଉପସ୍ଥିତ ରହି ୧୬୮ଜଣ ଯୋଗ୍ୟ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାନଗର ନିଗମର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଗୋଷ୍ଠୀ ସଂଗଠିକା ରେଶମା ମହାନ୍ତି, କାର୍ଯ୍ୟକ୍ରମଟିକୁ ସଫଳତାର ସହ ପରିଚାଳନା କରିଥିବା ବେଳେ ସହକାରୀ କମିଶନର ଅରିଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଯୋଗ୍ୟ ଯେ, ରାଜ୍ୟରେ ବିଜେପି ସରକାର ଆସିବା ପରେ ବହୁ ଜନହିତକର କାର୍ଯ୍ୟ ସମ୍ପାଦିତ ହୋଇଛି । ଏହି ସଫଳ କାର୍ଯ୍ୟକ୍ରମକୁ ସମସ୍ତ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ରାଜ୍ୟସରକାର ଏଭଳି ପଦକ୍ଷେପ ନେଇଛନ୍ତି ।




# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ସିବିଆଇ ତଦନ୍ତ ଦାବି

**ତାଳଚେର(ଏନ୍.ଏମ୍.):** ବ୍ରହ୍ମଲିନ ସ୍ୱାମୀ ଲକ୍ଷ୍ମଣା ନନ୍ଦ ସରସ୍ୱତୀଙ୍କୁ ୨୦୦୮ଅଗଷ୍ଟ ୨୩ତାରିଖ ଜନ୍ମାଷ୍ଟମୀ ତିଥିରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଦୀର୍ଘ ୧୮ ବର୍ଷ ବିତି ଯାଇଥିଲେ ମଧ୍ୟ ପ୍ରକୃତ ହତ୍ୟାକାରୀଙ୍କୁ ଏଯାଏ ଦଣ୍ଡ ବିଧାନ ହୋଇ ପାରିଲା ନାହିଁ । ଉକ୍ତ ଘଟଣାର ସିବିଆଇ ତଦନ୍ତ ସହ ହତ୍ୟାକାରୀ ଓ ହତ୍ୟା ଷଡଯନ୍ତ୍ରକାରୀଙ୍କୁ କଠୋର ଦଣ୍ଡ ବିଧାନ ପାଇଁ ବରିଷ୍ଠ ବିଜେପି ନେତା ତଥା ସ୍ମୃତି କମିଟିର ଆବାହକ ପର୍ଶୁରାମ ବାରିକ ଦାବି କରିଛନ୍ତି । ବୁଧବାର ସ୍ୱାମୀ ଲକ୍ଷ୍ମଣା ନନ୍ଦ ସ୍ମୃତି କମିଟି ପକ୍ଷରୁ ଏ ମର୍ମରେ ଏକ ଦାବି ପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ତାଳଚେର ଉପ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ସୂଚନା ଥାଉକି ବ୍ରହ୍ମଲିନ ସ୍ୱାମୀ ଲକ୍ଷ୍ମଣା ନନ୍ଦ ସରସ୍ୱତୀଙ୍କୁ ୨୦୦୮ ମସିହାରେ ଜନ୍ମାଷ୍ଟମୀ ଦିନ ସାରା ଦେଶ ଉତ୍ସବ ମୁଖରିତ ଥିବା ବେଳେ ନିର୍ମମ ଭାବେ ହତ୍ୟା କରାଗଲା । ଏହା ପୂର୍ବରୁ ମଧ୍ୟ ସ୍ୱାମୀଜୀଙ୍କ ଉପରେ ଆକ୍ରମଣ ହୋଇଥିଲା । ତତ୍କାଳୀନ ସରକାର ଓ ପୋଲିସ ପ୍ରଶାସନକୁ ସ୍ୱାମୀଜୀ ଜଣାଇଥିବା ସତ୍ତ୍ୱେ ତାଙ୍କୁ ଉପଯୁକ୍ତ ସୁରକ୍ଷା ଦିଆ ନଯାଇ ମରଣ ମୁହଁକୁ ଠେଲି ଦିଆ ଯାଇଥିଲା । ହିନ୍ଦୁ ସମାଜକୁ ଜାଗ୍ରତ କରିବା ପାଇଁ ଏବଂ ଗରିବ ଆଦିବାସୀ ପିଲାମାନଙ୍କୁ ପାଠ ପଢ଼ାଇ ମଣିଷ କରିବା ପାଇଁ ସ୍ୱାମୀଜୀ ପ୍ରୟାସ ଜାରି ରଖିଥିଲେ । ସ୍ୱାମୀଜୀଙ୍କ ହତ୍ୟା ପରେ ଜଷ୍ଟିସ ମହାପାତ୍ର, ଜଷ୍ଟିସ ନାଇଡୁ କମିଶନ ଗଠନ କରାଯାଇ କମିଶନ ରିପୋର୍ଟକୁ ଚାପି ଦିଆଯାଇଛି ଏବଂ ଏବେ ତାହା ହଜି ଯାଇଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି । ସ୍ୱାମୀଜୀଙ୍କୁ ୨୦୦୮ ମସିହାରେ ହତ୍ୟା ପରେ ଆମ୍ଭେ ତାଳଚେର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲୁ । ସେ ସମୟରେ ଆମ୍ଭଙ୍କୁ ପ୍ରତିଶ୍ରୁତି ଦିଆ ଯାଇଥିଲା ସ୍ୱାମୀଜୀଙ୍କ ହତ୍ୟାକାରୀ ଏବଂ ହତ୍ୟାରେ ଷଡଯନ୍ତ୍ରରେ ସାମିଲ ବ୍ୟକ୍ତିଙ୍କ ବିରୁଦ୍ଧରେ ଦଣ୍ଡ ବିଧାନ କରାଯିବ । ବହୁବାର ଏ ବିଷୟରେ ବିଭିନ୍ନ ଫୋରମରେ ଆମ୍ଭେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି ଆସିଛୁ । ଇତି ମଧ୍ୟରେ ୧୮ ବର୍ଷ ବିତି ଯାଇଥିଲେ ମଧ୍ୟ ସ୍ୱାମୀଜୀଙ୍କର ହତ୍ୟାକାରୀ ଦଣ୍ଡ ପାଇ ପାରିଲେ ନାହିଁ । ଚଳିତ ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ଆଉ ଦୁଇ ମାସ ପରେ ପାଳନ ହେବ, ଆମ୍ଭେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର ନିବେଦନ କରୁଛୁକି ସ୍ୱାମୀଜୀଙ୍କର ଶତବାର୍ଷିକୀ ପାଳନ ପୂର୍ବରୁ ସିବିଆଇକୁ ତଦନ୍ତ ଦାୟିତ୍ୱ ଦେଇ ସ୍ୱାମୀଜୀଙ୍କର ହତ୍ୟାକାରୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ । ଦାବିପତ୍ର ପ୍ରଦାନ ବେଳେ ଆବାହକ ପର୍ଶୁରାମ ବାରିକ, କମିଟିର ସଦସ୍ୟ ବରୁଣ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ସରୋଜ ମହାପାତ୍ର, ଚୈତନ୍ୟ ପ୍ରଧାନ, ବିନ୍ଦା ସିଂହ, ଆଇନଜୀବୀ ନରେଶ ଚନ୍ଦ୍ର ଦାସ ଓ ଶମ୍ଭୁନାଥ ବେହେରା, ଜଗଦୀଶ ପ୍ରସାଦ ସିଂହ, ଜଗଦୀଶ ମିଶ୍ର, ଅମିତ କୁମାର ଦାସ, ସୁନୀଲ ପଟ୍ଟନାୟକ, ସତ୍ୟାନନ୍ଦ ଘଡେଇ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ୧୫ଦିନ ମଧ୍ୟରେ ଏଦିଗରେ ପଦକ୍ଷେପ ଗ୍ରହଣ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଲିଖିତ ଭାବେ ଜଣାଇ ଦିଆଯାଇଛି ।



## ରାଷ୍ଟ୍ରପତିଙ୍କ ଗାଁ ବୁଲିଲେ ପ୍ରଧାନମନ୍ତ୍ରୀ, ଗୋଷାଣୀ ପୀଠରେ ଆଦିବାସୀ ପରମ୍ପରାରେ କଲେ ପୂଜାର୍ଚ୍ଚନା

**ଭୁବନେଶ୍ୱର(ଏନ୍.ଏମ୍.):** ରାଷ୍ଟ୍ରପତିଙ୍କ ଗାଁ ପରିଦର୍ଶନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ମୋଦିଙ୍କୁ ଗାଁ ବୁଲାଉଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ପାହାଡପୁର ଗୋଷାଣୀ ପୀଠରେ ପୂଜାର୍ଚ୍ଚନା କରିଛନ୍ତି ପ୍ରଧାନମନ୍ତ୍ରୀ-ରାଷ୍ଟ୍ରପତି । ଆଦିବାସୀ ପରମ୍ପରାରେ ପୂଜା କରିଛନ୍ତି ଉଭୟ । ପ୍ରଧାନମନ୍ତ୍ରୀ ପୂଜାର୍ଚ୍ଚନା କରିଥିବା ଗୋଷାଣୀ ପୀଠ ହେଉଛି ସାନ୍ତାଳୀଙ୍କ ପବିତ୍ର ପୀଠ ଜାହିରା । ଓଡ଼ିଶା ପାଇଁ ଆଜି ସ୍ମରଣୀୟ ଦିନ । ଗୋଟିଏ ସ୍ଥାନରେ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି । ପ୍ରଥମ ଥର ମୟୂରଭଞ୍ଜରେ ଏକାଠି ହୋଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଜନ୍ମମାଟିରେ ଜନ୍ମଦିନ ପାଳିବା ସହିତ କୁନି କୁନି ପିଲାଙ୍କୁ ଚକୋଲେଟ୍ ବାଣ୍ଟିଥିଲେ ରାଷ୍ଟ୍ରପତି । ପୂର୍ବାହ୍ନରେ ମୟୂରଭଞ୍ଜର ପାହାଡପୁରରେ ପହଞ୍ଚିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଥି ସହିତ ରାଷ୍ଟ୍ରପତିଙ୍କ ଗାଁରେ ବୃକ୍ଷରୋପଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏସ୍‌ଏଲ୍‌ଏସ୍ ସ୍କୁଲକୁ ଯାଇ ପିଲାଙ୍କ ସହ ଭାବର ଆଦାନ ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ସ୍କୁଲର ନାଁକୁ ରାଷ୍ଟ୍ରପତିଙ୍କ ପରଲୋକଗତ ସ୍ୱାମୀ ଓ ଦୁଇ ପୁଅଙ୍କ ନାଁରେ ନାମିତ କରାଯାଇଛି । ଏଥିସହ ଦକ୍ଷତା ବିକାଶ କେନ୍ଦ୍ର ଯାଇ ବି ପରୀକ୍ଷଣ କରିଛନ୍ତି । ସେ ଦକ୍ଷତା ବିକାଶ କେନ୍ଦ୍ରରେ ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ସମୃଦ୍ଧ ଆଦିବାସୀ ପରମ୍ପରା ନେଇ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ବୁଝାଇଛନ୍ତି ।

## ଚୌଦ୍ୱାରରେ ଚିଟଫଣ୍ଡ ଘଟଣା

# ମୁଖ୍ୟ ଅଭିଯୁକ୍ତ ପରେ ଗିରଫ ହେଲେ ମହିଳା ସହଯୋଗୀ

**ଚୌଦ୍ୱାର(ଏନ୍.ଏମ୍.):** ଚୌଦ୍ୱାର ଅଞ୍ଚଳରେ ବେଧଡ଼କରେ ଚିଟଫଣ୍ଡ କାରବାରରେ କୋଟି କୋଟି ଟଙ୍କା ଲୁଟୁଥିବା ଅଭିଯୁକ୍ତକୁ ଗିରଫ କରିଛି ପୁଲିସ । ଏହାର ମାଷ୍ଟରମାଇଣ୍ଡ ପ୍ରମୋଦ କୁମାର ଜେନା (୫୧)କୁ ଗତ ମେ ମାସ ୫ତାରିଖରେ ଟାଙ୍ଗୀପୁଲିସ ଗିରଫ କରିଥିବାବେଳେ ଆଜି ଅନ୍ୟତମ ମହିଳା ସହଯୋଗୀ ବିଷ୍ଣୁପ୍ରିୟା ସାମନ୍ତରାୟକୁ ଚୌଦ୍ୱାର ପୁଲିସ କଟକ ବିଡାନାସୀଥାନା ଅନ୍ତର୍ଗତ ଚହଟା ନିକଟରୁ ଗିରଫ କରିବାରେ ସଫଳ ହୋଇଛି । ତାଙ୍କୁ ବିଏନଏସ ୩୧୮(୪), ୩୧୬(୨), ୩୨୪(୨), ୨୯୬, ୩୫୧(୨), ୩୫ଦଫାରେ ଗିରଫ କରାଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର ବାଟବୁଢ଼ୀ କଲୋନୀର ପ୍ରମୋଦ କୁମାର ଜେନା ମଙ୍ଗୁଳି ଛକରେ ଏକ ରଙ୍ଗ ଦୋକନା କରିବା ସହ ସେଠାରେ ଗ୍ରାହକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଆଦିତ୍ୟ ବିର୍ଲା ସଂସ୍ଥାର ନାମ ନେଇ ଜଣେ ମହିଳା ସହଯୋଗୀଙ୍କ ସହ ଲୋକଙ୍କୁ ଟଙ୍କା ଜମାକରିବାକୁ ପ୍ରବର୍ତ୍ତାଉଥିଲେ । ଏଥିରେ ପ୍ରଲୋଭିତ ହୋଇ ଅଶିତ ମହାପାତ୍ର, ଅଂଶୁମାନ ସାହାଣି, ସ୍ମିତାରାଣୀ ବାରିକ ପ୍ରମୁଖ ଟଙ୍କା ଜମାକରି ଠକେଇର ଶିକାର ହୋଇଥିବାବେଳେ ଚୌଦ୍ୱାର ଥାନାର ଦ୍ୱାରସ୍ଥ ହୋଇଥିଲେ । ମାତ୍ର ଚୌଦ୍ୱାର ଥାନାର ଟାଳଟୁଳ ନୀତି ଯୋଗୁଁ ସେମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଚୌଦ୍ୱାର ଥାନାରେ ମାମଲା ୭୪୨/୨୫, ୭୪୪/୨୫ ଓ ୭୫୭/୨୫ ନମ୍ବରରେ ୩ଟି ମାମଲା ହୋଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପୁଲିସ ଘଣ୍ଟ ଘୋଡ଼ାଇ ଆସୁଥିଲା । ଯେହେତୁ ପ୍ରମୋଦ ଜେନାଙ୍କ ସହିତ ବିଷ୍ଣୁପ୍ରିୟା ମିଶି ମଙ୍ଗୁଳି ଦୋକାନରେ ଉକ୍ତ ରଙ୍ଗ ଦୋକାନରେ ଏସବୁର ପ୍ଲାନ ଚଳାଇଥିଲେ । ହେଲେ ପୁଲିସର ନିଷ୍କ୍ରିୟତା ଯୋଗୁଁ ସେମାନେ ଏହିଭଳି ଭାବେ ବିଭିନ୍ନ ଲୋକଙ୍କ ଠାରୁ ଟଙ୍କା ହଡ଼ପ କରିବାରେ ସକ୍ଷମ ହୋଇଥିଲେ । ମାତ୍ର ଟାଙ୍ଗୀପୁଲିସ ମାଷ୍ଟରମାଇଣ୍ଡ ପ୍ରମୋଦ କୁମାର ଜେନାଙ୍କୁ ଗିରଫ କରିବା ପରେ ବିଷ୍ଣୁପ୍ରିୟା ନିଜର ବାସ ପରିବର୍ତ୍ତନ କରିବା ସହ ଫେରାର ହୋଇ ରହୁଥିଲେ । ଏହି ଘଟଣାରେ ଚୌଦ୍ୱାର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ବେଳେ ଗତକାଲି ବିଳମ୍ବିତ ରାତିରେ ଚୌଦ୍ୱାର ଥାନା ଏସଆଇ ସମରଦୀପ ବିଶ୍ୱାଳ ବିଶେଷ ସୂତ୍ରରୁ ଖବର ପାଇ କଟକ ବିଡାନାସୀ ଥାନା ଅନ୍ତର୍ଗତ ଚହଟା ନିକଟରେ ବିଷ୍ଣୁପ୍ରିୟା ରହୁଥିବା ଘରେ ଚଢ଼ାଉ କରିଥିଲେ । ବିଷ୍ଣୁପ୍ରିୟା ପୁଲିସ ହାତରୁ ଖସିଯିବା ପାଇଁ ଉଦ୍ୟମ କରୁଥିବାବେଳେ ଚୌଦ୍ୱାର ଥାନା ମହିଳା ପୁଲିସ ତାଙ୍କୁ ମାଡ଼ିବସିଥିଲେ । ଏଥିସହିତ ବିଷ୍ଣୁପ୍ରିୟାଙ୍କ ପୁଅ ଏହି ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ନାବାଳକ ହୋଇଥିବାରୁ ତାଙ୍କୁ ନୋଟିସେବଲ ଜାମିନରେ ଛଡ଼ା ଯାଇଥିବା ଜଣାପଡ଼ିଛି । ପ୍ରମୋଦ କୁମାର ଜେନା ଏବଂ ତାଙ୍କ ବାନ୍ଧବୀ ବିଷ୍ଣୁପ୍ରିୟା ଏହିଭଳି ଅନୈତିକ ଉପାୟରେ ଲୋକଙ୍କୁ ଭକୁଆ ବନେଇ ଟଙ୍କା ଲୁଟିଥିବା ପୁଲିସ ପକ୍ଷରୁ କୁହାଯାଇଛି ।




# ଜଳ ସମ୍ପଦ ବିଭାଗ ସମ୍ପର୍କରେ ଆଲୋଚନା କଲେ ରାଜ୍ୟପାଳ

## ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର(ଏନ୍.ଏମ୍.):** ରାଜ୍ୟରେ ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାର ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି କ୍ଷବୁଧବାର ଦିନ ଲୋକ ଭବନର ନ୍ୟୁ ଅଭିଷେକ ହଲ ଠାରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଅବସରରେ ରାଜ୍ୟପାଳ ଏପରି ଗୁରୁତ୍ୱ ଆରୋପ କରିଛନ୍ତି କ୍ଷ ସୌରଶକ୍ତିଚାଳିତ ଜଳସେଚନ ପମ୍ପର ବ୍ୟାପକ ବ୍ୟବହାର କୃଷକମାନଙ୍କ ଜମିରେ ଜଳସେଚନ ଖର୍ଚ୍ଚ ହ୍ରାସ କରିବା ସହ ସେମାନଙ୍କ ଆୟ ବୃଦ୍ଧି କରିବ ଏବଂ ରାଜ୍ୟର ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି । କୃଷକମାନଙ୍କ ମଧ୍ୟରେ ସୌର ଚାଳିତ ଜଳସେଚନ ବ୍ୟବସ୍ଥାର ପ୍ରଚାର ଓ ପ୍ରସାର ପାଇଁ ଅଧିକାରୀମାନଙ୍କୁ ଆହ୍ୱାନ ଜଣାଇ ରାଜ୍ୟପାଳ କହିଥିଲେ ଯେ, ଏହି ବ୍ୟବସ୍ଥା ମାଧ୍ୟମରେ ଉତ୍ପାଦିତ ଅତିରିକ୍ତ ବିଦ୍ୟୁତକୁ ଗ୍ରିଡ୍କୁ ଯୋଗାଇ ଦିଆଯାଇପାରିବ ଏବଂ ଏହା କୃଷକମାନଙ୍କ ପାଇଁ ଅତିରିକ୍ତ ଆୟର ଏକ ଉତ୍ସ ସୃଷ୍ଟି କରିବା ସହ ସ୍ଥାୟୀ କୃଷି ଓ ସ୍ୱଚ୍ଛ ଶକ୍ତି ପଦକ୍ଷେପକୁ ସୁଦୃଢ଼ କରିବ । ପିଏମ୍-କୁସୁମ ଯୋଜନା ସଂପର୍କରେ ଉଲ୍ଲେଖ କରି ବିଭାଗର ସଚେତନତା ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ପାରମ୍ପରିକ ବିଦ୍ୟୁତଚାଳିତ ପମ୍ପ ପରିବର୍ତ୍ତେ ସୌରଚାଳିତ ପମ୍ପ ବ୍ୟବହାରକୁ ବ୍ୟାପକ କରିବା ପାଇଁ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ବୈଠକରେ ବିଭାଗୀୟ ଅଧିକାରୀମାନେ ଜଳ ସଂପଦ ବିଭାଗର କାର୍ଯ୍ୟାବଳୀ, ଭୂପୃଷ୍ଠ ଓ ଭୂତଳ ଜଳ ସମ୍ପଦ, ବୃହତ୍ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଭୂତଳ ଜଳ ବିକାଶ, କମାଣ୍ଡ ଏରିଆ ବିକାଶ, ବର୍ଷଣ୍ଣାରୀ ଜଳସେଚନ ସଫଳତା, ସୃଷ୍ଟି ହୋଇଥିବା ଓ ପ୍ରସ୍ତାବିତ ସେଚନ କ୍ଷମତା, ଭିତ୍ତିଭୂମି ବିକାଶ ପଦକ୍ଷେପ, ଜଳବାୟୁ ସହନଶୀଳ ବ୍ୟବସ୍ଥା, ୨୦୪୭ ରୋଡମ୍ୟାପ୍ ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ବିସ୍ତୃତଭାବେ ଉପସ୍ଥାପନ କରିଥିଲେ । ରାଜ୍ୟ ବଜେଟ୍ରେ ଜଳ ସମ୍ପଦ ବିଭାଗ ପାଇଁ ୧୪,୫୦୦ କୋଟି ଟଙ୍କା ବ୍ୟୟବରାଦ କରିଥିବାରୁ ରାଜ୍ୟପାଳ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ । ରାଜ୍ୟପାଳ କହିଥିଲେ ଯେ, ଏହା ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ କୃଷକମାନଙ୍କ ପାଇଁ ଜଳ ନିରାପତ୍ତା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବର୍ଦ୍ଧିତ ବ୍ୟୟବରାଦ ବିଭାଗକୁ ତାହାର କାର୍ଯ୍ୟକ୍ରମଗୁଡ଼ିକ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ଏବଂ ରାଜ୍ୟର ଜଳସେଚନ ନେଟୱର୍କର ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ଜଳସେଚନ ବ୍ୟବସ୍ଥାର ଟେଲ୍-ଏଣ୍ଡ ଅଞ୍ଚଳଗୁଡ଼ିକରେ, ଯେଉଁଠାରେ କୃଷିଜମିକୁ ପର୍ଯ୍ୟାପ୍ତ ଜଳ ପହଞ୍ଚି ନପାରେ, ସେଠାରେ ମତ୍ସ୍ୟଚାଷର ସମ୍ଭାବନା ଅନ୍ୱେଷଣ କରିବାକୁ ପରାମର୍ଶ ଦେଇଥିଲେ । ଏପରି ପଦକ୍ଷେପ କୃଷକମାନଙ୍କ ପାଇଁ ଅତିରିକ୍ତ ଆୟର ଉତ୍ସ ସୃଷ୍ଟି କରିବା ସହ ଗ୍ରାମୀଣ ଜୀବିକା ବିକାଶର ଏକ ଉତ୍ତମ ମଡେଲ୍ ହୋଇପାରିବ ବୋଲି ସେ କହିଥିଲେ । ମତ୍ସ୍ୟଚାଷ ବିକାଶ ମୁଖ୍ୟତଃ ମତ୍ସ୍ୟ ବିଭାଗର ଅଧୀନରେ ଥିଲେ ମଧ୍ୟ, ଜଳ ଉପଲବ୍ଧତା ସୁନିଶ୍ଚିତ କରି ଜଳ ସମ୍ପଦ ବିଭାଗ ଏଥିରେ ସହାୟକ ଭୂମିକା ନିଭାଇପାରିବ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ଆଲୋଚନା ସମୟରେ ରାଜ୍ୟପାଳ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ସଂରଚନା, ବୃହତ୍ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ସେଗୁଡ଼ିକର ସେଚନ କ୍ଷମତା ସମ୍ପର୍କରେ ଅବଗତ ହୋଇଥିଲେ । ରାଜ୍ୟପାଳ ଜଳ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ବିଭାଗର ପ୍ରୟାସକୁ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ହାତକୁ ନିଆଯାଇଥିବା ଜଳସେଚନ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ କହିଥିଲେ ଯେ, ଏହା ଦ୍ୱାରା କୃଷକ ଓ ଗ୍ରାମୀଣ ଗୋଷ୍ଠୀ ମାନେ ସର୍ବାଧିକ ଲାଭ ପାଇପାରିବେ । ଏହି ବୈଠକରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗର ବରିଷ୍ଠ ଅଧିକାରୀମାନେ ଏବଂ ଲୋକସେବା ଭବନର ଅଧିକାରୀ ଉପସ୍ଥିତ ଥିଲେ ।



## ପରକୀୟା ପ୍ରୀତି ପାଇଁ ବର୍ବର ହତ୍ୟାକାଣ୍ଡ

### ସ୍ତ୍ରୀ ସହ ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କୁ କଟୁରୀରେ ହାଣିଲା ସ୍ୱାମୀ

**ଭୁବନେଶ୍ୱର(ଏନ୍.ଏମ୍.):** ପତ୍ନୀ ସହିତ ଅନୈତିକ ସମ୍ପର୍କ ରଖିଥିବା ଜଣେ ପରପୁରୁଷକୁ ହାଣିପକାଇଲା ସ୍ୱାମୀ । ଏଭଳି ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ । ପରକୀୟା ପ୍ରୀତି ପାଇଁ ରାଜଧାନୀରେ ଗଡ଼ିଲା ମୁଣ୍ଡ । ଗାଡ଼କଣ ଶ୍ରୀ ସାଇ ବିହାରରେ ବର୍ବର ହତ୍ୟାକାଣ୍ଡ । ସ୍ତ୍ରୀ ସହ ପରକୀୟା ସମ୍ପର୍କ ଥିବା ବ୍ୟକ୍ତିଙ୍କୁ କଟୁରୀରେ ହାଣିଦେଲା ସ୍ୱାମୀ । ଖବର ପାଇ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଛି । ମୃତ ଯୁବକ ଜଣଙ୍କ ହେଲେ ସୁଶୀଲ ସିଂ । ଘଟଣାସ୍ଥଳରେ ଜୋନ୍‌୫ ଏସିପି ସହ ମଞ୍ଚେଶ୍ୱର ଥାନା ଅଧିକାରୀ ପହଞ୍ଚି ସିସିଟିଭି ଯାଞ୍ଚ କରିଛନ୍ତି । ଏଥିସହିତ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତଦନ୍ତ ଜାରି ରହିଛି ।

## ସମାଜସେବୀ ଗଣେଶଙ୍କ ପରଲୋକ

**ଭଦ୍ରକ(ଏନ୍.ଏମ୍.):** ଭଦ୍ରକ ଜିଲ୍ଲା ବରପଦା ଡଙ୍କାଗଡିଆ ଗ୍ରାମର ସମାଜସେବୀ ଗଣେଶ ଚନ୍ଦ୍ର ପ୍ରଧାନ ୮୩ବର୍ଷ ବୟସରେ ପରଲୋକ ହୋଇଯାଇଛି । ବୟସାଧିକ କାରଣରୁ ସେ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟ-ସ୍ୱଜନ, ବନ୍ଧୁ ପରିବାର ବର୍ଗ ଉପସ୍ଥିତଥିଲେ । ତାଙ୍କ ପରଲୋକଗତ ଖବର ପାଇ ଗଣେଶ ପ୍ରସାଦ ନାୟକ, ରବିନାରାୟଣ ସ୍ୱାଇଁ, ଜଗନ୍ନାଥ ବଳ,ବିନୋଦ ସିଂହ, କରୁଣାକର ନାୟକ,ମୂରଲୀ ପାଣିଗ୍ରାହୀ, ବାବୁଲି ସିଂହ, ଜଗନ୍ନାଥ ରଥ, ରବିନ୍ଦ୍ର ଲେଙ୍କା, ଚିନ୍ତାମଣି ମହାନ୍ତି, ଜତା ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଂଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇ ଶବାଧାରରେ ସାମିଲ୍ ଥିଲେ । ପରେ ତାଙ୍କୁ ଶୋଭାଯାତ୍ରାରେ ନିଆଯାଇ ଦାହ କରାଯାଇଥିଲା । ବଡପୁଅ ଖଗେଶ୍ୱର ପ୍ରଧାନ ମୁଖାଗ୍ନି ଦେଇଥିଲେ । ପୁତ୍ର ସହକାରୀ ଯନ୍ତ୍ରୀ ନରହରି ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ନୃସିଂହ ଚରଣ ପ୍ରଧାନ, ବିଶ୍ୱନାଥ ଜେନା ପରିବାର ବର୍ଗ ଉପସ୍ଥିତ ଥିଲେ ।

# ଭୁଶୁଡିପଡିଛି କି ବାଲିକୁଦା କଲେଜର ଶିକ୍ଷା ବ୍ୟବସ୍ଥା ?

**ଜଗତସିଂହପୁର(ଏନ୍.ଏମ୍.):** ସରକାର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣୁଛନ୍ତି , ହେଲେ ଅଭିଜ୍ଞତା ନ ଥିବା ଏବଂ ଜାଲ ସାର୍ଟିଫିକେଟ ଦେଇ ଅଧ୍ୟାପକମାନେ କିଭଳି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଯାଉଛି ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜଗତସିଂହପୁର ଜିଲ୍ଲାର ବାଲିକୁଦା କଲେଜରେ ଗତ କିଛି ଦିନ ତଳେ ୩ ଜଣ ଅଧ୍ୟାପକ ନକଲି ଜାଲ ସାର୍ଟିଫିକେଟ ଦେଇ ଚାକିରୀ କରିଥିବା ଅଭିଯୋଗରେ ଧରାପଡି ନିଲମ୍ବିତ ହେବା ଏବଂ ପାଇଥିବା ଅର୍ଥକୁ ଫେରାଇବା ଘଟଣା ମନରୁ ଲିଭି ନଥିବା ବେଳେ ପୁଣି ଆଉ ଦୁଇ ଜଣ ନକଲି ଅଧ୍ୟାପକଙ୍କ କାରନାମା ସାମ୍ନାକୁ ଆସିଛି ।

ଯୁକ୍ତ ଦୁଇ କେମେଷ୍ଟ୍ରି ଅଧ୍ୟପକ ସାଜିଥିବା ଅକ୍ଷୟ ମହାନ୍ତି ପୂର୍ବରୁ କଲେଜର ଷ୍ଟୋର କିପର ଭାବେ କାର୍ଯ୍ୟ କରୁଥିଲେ । ପରେ ସେ ପଦୋନ୍ନୋତି ପାଇ ଲ୍ୟାବ ଆସିଷ୍ଟାଣ୍ଟ ଭାବେ ଏବଂ ତା ପରେ କେମେଷ୍ଟ୍ରି ବିଷୟରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି । ହେଲେ ତାଙ୍କର କେମେଷ୍ଟ୍ରିରେ ଅଭିଜ୍ଞତା ନଥାଇ ଛାତ୍ରଛାତ୍ରୀଙ୍କୁ କିଭଳି ପାଠ ପଢ଼ାଉଛନ୍ତି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସବୁଠୁ ବଡ଼ କଥା ହେଲା ଶ୍ରୀ ମହାନ୍ତି ଯୁକ୍ତ ଦୁଇରେ ଶିକ୍ଷାଦାନ କରୁଥିବା ବେଳେ +୩ ର ଖାତା କିପରି ଦେଖିବାକୁ ଯାଉଛନ୍ତି ? ଯୁକ୍ତ ଦୁଇରେ କ୍ଲାସ କରିବା ସହ + ୩ ପରୀକ୍ଷାରେ ସ୍କ୍ୱାର୍ଡ ଏବଂ ଏକ୍ସଟରନାଲ ହୋଇ ପରୀକ୍ଷା ଖାତା ଦେଖୁଛନ୍ତି ଶ୍ରୀ ମହାନ୍ତି । ଏ ବାବଦରେ ସରକାରଙ୍କ ପାଖରୁ ଲକ୍ଷ ଲକ୍ଷ ଟଙ୍କା ପାଉଛନ୍ତି ଶ୍ରୀ ମହାନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଜଣେ ସାମାନ୍ୟ ଷ୍ଟୋର କିପର କିଭଳି ଏସବୁ ପଦବୀ ହାତେଇଲେ ।

ମିଳିଥିବା ସୂଚନା ଅନୁସାରେ ଶ୍ରୀ ମହାନ୍ତି ଜାଲ ସାର୍ଟିଫିକେଟ ଦ୍ୱାରା ଦୁଇ ଦୁଇଟି ପଦବୀ ପାଇବା ସହ ସରକାରଙ୍କ ଠାରୁ ଏହିସବୁ ସୁବିଧା ହାତେଇଥିବା ଅଭିଯୋଗ ହୋଇଛି । ସେହିପରି ୧୯୯୦ ମସିହାରେ କଲେଜରେ ଡେମୋନଷ୍ଟ୍ରେଟର ଭାବେ ରାଜେନ୍ଦ୍ର ମହାରଣା ଚାକିରୀ ଆରମ୍ଭ କରିଥିଲେ । ଦୀର୍ଘ ୨୭ ବର୍ଷ ପରେ ସେ ଫିଜିକ୍ସ ଅଧ୍ୟାପକ ଭାବେ ପଦୋନ୍ନତି ପାଇ ଅବସ୍ଥାପିତ ହେଲେ । ଏଠାରେ ପ୍ରଶ୍ନ ଉଠୁଛି ଜଣେ ଡେମୋନଷ୍ଟ୍ରଟର ଭାବେ ଚାକିରୀ ଆରମ୍ଭ କରି କିଭଳି ଅଧ୍ୟାପକ ହୋଇପାରିଲେ ସେ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ପୁନଶ୍ଚ ଅକ୍ଷୟ ମହାନ୍ତିଙ୍କ ଭଳି +୩ରେ ପରୀକ୍ଷା ଖାତା ଦେଖିବା, ଏକ୍ସଟରନାଲ ହୋଇଯିବା ସହ ଏମଆରପି ବାବଦକୁ ସେ ଲକ୍ଷ ଲକ୍ଷ ଟଙ୍କା ପାଉଛନ୍ତି କେମିତି ? ସବୁଠୁ ଆଶ୍ଚର୍ଯ୍ୟର କଥା ଏହି ଦୁଇ ଅଧ୍ୟାପକଙ୍କ ଅଭିଜ୍ଞତା ନଥାଇ କିଭଳି ପଦୋନ୍ନତି କରାଗଲା ତାହା ଗଭର୍ନିଙ୍ଗ ବଡ଼ି ଉପରେ ଆଙ୍ଗୁଳି ନିର୍ଦ୍ଦେଶ ହୋଇଛି । କୌଣସି ଅଧ୍ୟାପକ ବା ସରକାରୀ କର୍ମଚାରୀ ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ନପଢ଼ାଇବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ଗାଇଡଲାଇନ ରହିଛି । ହେଲେ ଏହି ଦୁଇ ଜଣ ଅଧ୍ୟାପକ ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଉଥିବାର ମଧ୍ୟ ଅଭିଯୋଗ ହୋଇଥିବାବେଳେ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରି ଚାଲିଛନ୍ତି । ଅକ୍ଷୟ ମହାନ୍ତି କେଉଁ ଆଧାରରେ ଡିଷ୍ଟାନ୍ସ ପିଜି ସାର୍ଟିଫିକେଟ ଦେଇ ଚାକିରୀରେ ଅବସ୍ଥାପିତ ହୋଇଛନ୍ତି ଏହାର ଅନୁସନ୍ଧାନ ହେବା ଜରୁରୀ ହୋଇପଡିଛି । ଶ୍ରୀ ମହାନ୍ତି ଦେଇଥିବା ସାର୍ଟିଫିକେଟରେ କେତେ ସତ୍ୟତା ଅଛି ତାହାର ବିଧିବଦ୍ଧ ଯାଞ୍ଚ ହେଉ ବୋଲି ସାଧାରଣରେ ଦାବି ହେଉଛି । ଆଉ ଏ ସବୁ ପୂର୍ବ ପ୍ରିନ୍ସପାଲ ଏବଂ ବର୍ତ୍ତମାନର ପ୍ରିନ୍ସପାଲ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଜ୍ଞାତସାରରେ ହିଁ କରାଯାଇଛି ବୋଲି ଚର୍ଚ୍ଚା ହେଉଛି । ତେବେ ଏ ସବୁ ଘଟଣା ବିଷୟରେ ପ୍ରିନ୍ସପାଲ କିଛି ଜାଣି ନ ଥିବା ସଫେଇ ଦେଇଛନ୍ତି । ବାଲିକୁଦା ମହାବିଦ୍ୟାଳୟ ପରି ପବିତ୍ର ମନ୍ଦିରରେ କିଭଳି ମାଲ ମାଲ ନକଲି ଅଧ୍ୟାପକ ଶିକ୍ଷାଦାନ କରୁଛନ୍ତି ଆଉ ଏହା ପଛରେ କାହାର ହାତ ଅଛି ? ଏହି ରାକେଟ କିଏ ଚଳାଉଛି ଏବଂ ପ୍ରଚ୍ଛଦପଟ ନାୟକ କିଏ ସାଜିଛନ୍ତି ତାହା ତଦନ୍ତ ସାପେକ୍ଷ । ଏହି କେଳେଙ୍କାରୀର ସତ୍ୟାସତ୍ୟ ଉନ୍ମୋଚନ କରାଯାଉ ବୋଲି ସାଧାରଣରେ ଦାବି ପ୍ରକାଶ ପାଇଛି । ନଚେତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ । ତାହା ତିଳେ ହେଁ ସନ୍ଦେହ ନାହିଁ । ଅନ୍ୟପକ୍ଷରେ ରାଜ୍ୟ ସରକାର ଶିକ୍ଷାର ମାନବୃଦ୍ଧି ନେଇ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏଭଳି ଦୁର୍ନୀତି କେବଳ ଶିକ୍ଷା ବ୍ୟବସ୍ଥାକୁ ସ୍ଥାଣୁ କରୁନାହିଁ ବରଂ ସରକାରଙ୍କ ଅର୍ଥ ବାଟମଣା ହେଉଛି ବୋଲି ବରିଷ୍ଠ ଶିକ୍ଷାବିତ୍‌ମାନେ ଅଭିଯୋଗ କରିଛନ୍ତି । ଏହି ଘଟଣା ପ୍ରଘଟ ହେବାର ମାସମାସ ବିତି ଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଇଛି ।




# ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନା ଓ କର୍ମଶାଳା



**କେନ୍ଦ୍ରାପଡ଼ା (ଏନ୍.ଏମ୍.):** କୃଷି ଏକ ଅନନ୍ୟ ଜୀବିକା । ଏହା ଦ୍ୱାରା ଜଣେ ରୋଜଗାର କରି ନିଜ ପରିବାର ପ୍ରତିପୋଷଣ କରିପାରିବ ତାହା ନୁହେଁ; ବରଂ ବହୁ ପରିବାର ମୁହଁରେ ଦାନା ଯୋଗାଇ ପାରିବ । ତେଣୁ ଉନ୍ନତମାନର କୃଷି ହିଁ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ତେଣୁ ପ୍ରତ୍ୟେକ ଚାଷୀମାନେ ନିଜର ତଥା ସମାଜର ବିକାଶ ନିମନ୍ତେ ଉନ୍ନତ କୃଷି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ସେହିଭଳି କୃଷିରେ ଅଧିକ ଅମଳ ପାଇବା ଆଶାରେ କୃଷକମାନେ ଯେଉଁ ରାସାୟନିକ ସାର ବ୍ୟବହାର କରୁଛନ୍ତି ତାହା ସ୍ୱାସ୍ଥ୍ୟପାଇଁ ହାନିକାରକ । ତେଣେ ଚାଷୀମାନେ ବିଶେଷକରି ପ୍ରାକୃତିକ ସାର ଆଦି ବ୍ୟବହାର କରି ଉନ୍ନତ କୃଷି ଉତ୍ପାଦନ କରିବା ଉପରେ ସରକାର ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ଚାଷୀମାନଙ୍କୁ ଏନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କୁ ସଚେତନ କରାଇବା ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଗରଦପୁର ବ୍ଲକ ପରିସରରେ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନା ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କର୍ମଶାଳାରେ ବ୍ଲକ ସଭାପତି ଅଭୟ କୁମାର ମହାରାଜ, ବିଡ଼ିଓ ଆଲୋକ ସେଠି, କୃଷି ଅଧିକାରୀ ଗୌତମ ଦାସ, କୃଷି ବିଜ୍ଞାନ କେନ୍ଦ୍ର ଜଖାଙ୍ଗର ବୈଜ୍ଞାନିକ ଡ. ତାପସ ସାହୁ, ମତ୍ସ୍ୟ ବିଭାଗରୁ ଜ୍ୟୋର୍ତିମୟୀ ମହାନ୍ତି, ପଶୁ ବିଭାଗରୁ ନିର୍ମାଲ ପତି, ଉଦ୍ୟାନ ଅଧିକାରୀ ଶ୍ରୀରାମ ରତନ ପ୍ରଧାନ କୃଷି ଉପରେ ପ୍ରାକୃତିକ ଧାରାରେ ଚାଷ କରିବା ପାଇଁ କୃଷକ ମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । କୃଷକ ମାନଙ୍କ ସହିତ ଆଲୋଚନା ମାଧ୍ୟମରେ ବିଭିନ୍ନ ଇସ୍ୟୁ ଉପସ୍ଥାପନା କରିଥିଲେ । ସେଥି ମଧ୍ୟରୁ ସାଲାଇନ ପାଣି, ନଦୀ ବନ୍ଧ ହ୍ୟୁମ ପାଇପ ଯୋଜନା, କେନାଲରେ ସହଜ ପାଣି ଯୋଗାଣ, ନଡ଼ିଆ ଗଛ ରୋପଣ, ବିଭିନ୍ନ ବିଷୟରେ ଚାଷୀମାନଙ୍କ ଠାରୁ ତଥ୍ୟ ଗ୍ରହଣ କରି ଉପରିସ୍ଥ ଅଧିକାରୀ ମାନଙ୍କୁ ଜଣାଇବା ପାଇଁ ପ୍ରକାଶ କରିଥିଲେ । ଉକ୍ତ କର୍ମଶାଳାରେ ୧୮୦ଜଣ ଚାଷୀଙ୍କୁ ନେଇ ସୁପରିଚାଳନା କରିବାରେ କୃଷି ସହାୟକ ଅଧିକାରୀ ଅଭୟ କୁମାର ପରିଡା, ଗରଦପୁର କୃଷି ଯନ୍ତ୍ରୀ ବିପ୍ଳବ ମହାରଣା ସହାୟକ ହୋଇଥିଲେ ।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଓଡ଼ିଶାବାସୀଙ୍କ ସାମର୍ଥ୍ୟ ଉପରେ ...

ପ୍ରଗତି ଦ୍ୱାର । ଓଡିଶା ପାଖେ ସମୁଦ୍ର, ଖଣି, କୃଷି ଶକ୍ତି ଯୁବ ଶକ୍ତି ରହିଛି । ଆଜିର ୪୭ ହଜାର କୋଟିର ପ୍ରକଳ୍ପ ଦ୍ୱାରା ଲୋକଙ୍କୁ ବହୁତ ସୁବିଧା ହେବ । ରାଜ୍ୟରେ ୨୦ ଲକ୍ଷ ନିବେଶ ପ୍ରସ୍ତାବ ମିଳିଛି । ସାଢେ ୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାମ ଚାଲିଛି । ୬ ହଜାର କୋଟି ଶକ୍ତି କ୍ଷେତ୍ରରେ ନିବେଶ ହେଉଛି । ଡବଲ ଇଂଜିନ ସରକାରରେ ବିଶେଷତା ଆମେ ଲୋକଙ୍କ ପାଖରେ ପହଞ୍ଚୁଛୁ । ଆମ ସରକାର ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା, ସୁଭଦ୍ରା ଯୋଜନାରେ କୋଟିଏ ହିତାଧିକାରୀଙ୍କୁ ସହାୟତା, ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ଭଳି ବହୁ କାମ କରିଛନ୍ତି । ସ୍ୱଚ୍ଛ ଭାରତ ମିଶନରେ ରାଜ୍ୟ ସରକାର ବହୁ କାମ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏବଂ ଓଡିଶାବାସୀଙ୍କୁ ଧନ୍ୟବାଦ । ଜନଜାତି ଅଞ୍ଚଳର ବିକାଶ ପାଇଁ ସୁଧା ଗ୍ରାମ ଏବଂ ପିଏମ ଜନମନ ଯୋଜନା ହାତକୁ ନେଇଛନ୍ତି କେନ୍ଦ୍ର ସରକାର । ଦେଢ଼ କୋଟି ଆଦିବାସୀ ଛାତ୍ରଛାତ୍ରୀଙ୍କୁ ୧୦୦ କୋଟି ଟଙ୍କା ଶିକ୍ଷା ବୃତ୍ତି ଦିଆଯାଇଛି । ମୟୂରଭଞ୍ଜରେ ଆଉ ଏକ ନବୋଦୟ ବିଦ୍ୟାଳୟ ଖୋଲିବ । ଆମ ସରକାର ୪ କୋଟି ଲୋକଙ୍କୁ ବାଣ୍ଟିଛି ସ୍ୱାସ୍ଥ୍ୟ କାର୍ଡ । ପୁଣି ପ୍ରଧାନମନ୍ତ୍ରୀ କହିଲେ, ୨୦୩୬ରେ ଓଡିଶାକୁ ୧୦୦ ବର୍ଷ, ୨୦୪୭ରେ ଭାରତକୁ ୧୦୦ ବର୍ଷ ପୁରିବ । ଓଡିଶାର ସାମର୍ଥ୍ୟ ଉପରେ ମୋର ଭରସା ଅଛି । ଆସନ୍ତୁ ଆମେ ମିଶି ଓଡିଶାକୁ ବିକଶିତ କରିବା । ଆସନ୍ତାକାଲି ଯୋଗ ଦିବସ, ଓଡିଶା ମାଟିରୁ ସାରା ଦେଶକୁ ନିବେଦନ ବହୁ ସଂଖ୍ୟାରେ ଆପଣ ମାନେ ଯୋଗ ଦିବସରେ ଯୋଡି ହୁଅନ୍ତୁ ।

## ୨୫ ଜିଲ୍ଲାର ଉପାନ୍ତ ଗାଁରେ ବସିବ ...

ମୋବାଇଲ୍ ବ୍ୟବହାର କରୁଛନ୍ତି । ଜିଲ୍ଲାର ୨୩୦ଟି ଗାଁରେ ମୋବାଇଲ୍ ନେଟଓ୍ୱାର୍କ ନାହିଁ । ଏଥିରେ ବାଂଶପାଳ ବ୍ଲକରେ ସର୍ବାଧିକ ୧୨୮ଟି ଗାଁ ରହିଛି । ସେହିପରି ଆନନ୍ଦପୁର ବ୍ଲକ୍ରେ ୨୬ଟି, ଘସିପୁରା ବ୍ଲକରେ ୨ଟି, ଘଟଗାଁ ବ୍ଲକରେ ୯ଟି, ହରିଚନ୍ଦନପୁର ବ୍ଲକରେ ୨୩ଟି, ହାଟଡିହିରେ ୧୧ଟି, ଝୁମ୍ପୁରାରେ ୭ଟି, ଯୋଡ଼ାରେ ୨୦ଟି, ପାଟଣାରେ ୩ଟି ଏବଂ ତେଲକୋଇ ବ୍ଲକରେ ଏଭଳି ୪୮ଟି ଗାଁ ରହିଛି । ଅଧିକ ପ୍ରଭାବିତ ହେଉଛି ବାଂଶପାଳ ବ୍ଲକ୍ର ବାରାଗଡ଼, ଗୋନାସିକା, କୁମୁଣ୍ଡି, ସାହରପୁର, ତଳକାଦକଳା, ଶୁଆକାଟି, ତଳଚମ୍ପେଇ, ଟଣ, ତରମାକାନ୍ତ, ସିଂପୁର ଭଳି ପଞ୍ଚାୟତ । ବାଂଶପାଳ ବ୍ଲକର ମୁଖ୍ୟାଳୟ ହେଉଛି ସାହରପୁର ପଞ୍ଚାୟତ । ଏହି ପଞ୍ଚାୟତର କସଡ଼ା, ଖୁଣ୍ଟାକଟା, ପାଦଖସଡ଼ା ଏବଂ ଲୁଙ୍ଗାଝରରେ ମୋବାଇଲ ନେଟଓ୍ୱାର୍କ ନାହିଁ । ଏବେ ଲୁଙ୍ଗାଝର ଗାଁରେ ମୋବାଇଲ୍ ନେଟ୍ୱର୍କ ପାଇଁ କାମ ଚାଲିଛି । ପ୍ରଥମ ପର୍ଯ୍ୟାୟରେ ୫୦ଟି ମୋବାଇଲ୍ ଟାୱାର ପାଇଁ ଜମି ଯୋଗାଇ ଦିଆଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୫୭ଟି ଟାୱାର ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଚାଲିଛି । ୫୦ଟି ଟାୱାର ପାଇଁ ଜମି ଚିହ୍ନଟ ସରିଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ୩୦ଟି ଟାୱାର ପାଇଁ ଜମିର ଏନ୍ଓସି ପ୍ରଦାନ କରାଯାଇଛି । ସ୍ଥାପନ ହେଉଥିବା ନୂଆ ଟାୱାର ମଧ୍ୟରୁ ୮୦ ପ୍ରତିଶତ ଟାୱାର ବାଂଶପାଳ ବ୍ଲକ୍ ଅଞ୍ଚଳରେ ବୋଲି ବିଏସ୍ଏନ୍ଏଲର ଡେପୁଟି ଜେନେରାଲ୍ ମ୍ୟାନେଜର ସୁରେଶ ନାଏକ କହିଛନ୍ତି ।

## ଦୌଡ଼ ଛାଡ଼ି ଷ୍ଟିୟରିଂ ଧରିଲେ ...

ପାହାଚ ଚଢୁଥିବାବେଳେ ପରିବାରର ଆର୍ଥିକ ସ୍ଥିତି ଦୋହଲିବାକୁ ଲାଗିଲା । ଖେଳ ସହିତ ରୋଜଗାର କରି ପରିବାର ଚଳାଇବା ପାଇଁ ଶେଷରେ ସେ ବସ୍ ଚାଳକ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ । ୨୦୨୫ ମସିହାରେ ଭୁବନେଶ୍ୱରରେ ଭାରୀଯାନ ଚଳାଇବା ପାଇଁ ଲାଇସେନ୍ସ ହାସଲ କରିଥିଲେ । ଆସାମ ରାଜ୍ୟରେ ପୁଲିସ ଗାଡିର ଚାଳକ ହେବା ପାଇଁ ଆବେଦନ ମଧ୍ୟ କରିଛନ୍ତି । ସେଥିରେ କୃତକାର୍ଯ୍ୟ ହେବା ପୂର୍ବରୁ ରାଜ୍ୟର ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଗୃହ ଓ ନଗର ଉନ୍ନୟନ ବିଭାଗର କମିଶନର ଉଷା ପାଢ଼ୀ ପଲ୍ଲବୀର ଆଗ୍ରହ ଦେଖି ଆମ ବସ୍ ଚଳାଇବାକୁ ଉତ୍ସାହିତ କରିଥିଲେ । ପଲ୍ଲବୀ ଆଗ୍ରହ ସହକାରେ କାର୍ଯ୍ୟରେ ଯୋଗଦେବା ପରେ ଅତ୍ୟାଧୁନିକ ଇ-ବସ୍ ସେବା ସମ୍ପର୍କରେ ଜାଣିବା ପାଇଁ ତାଲିମ ନେଇଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ନୌ ?ରେ ୧୫ ଦିନିଆ ତାଲିମ ନେବା ପରେ ଗତ ମାସରେ ପଲ୍ଲବୀଙ୍କୁ କେନ୍ଦୁଝରରେ ସେବା ଯୋଗାଇବାକୁ ନିଯୁକ୍ତି ମିଳିଥିଲା । ସମସ୍ତ ବସ୍ ସମ୍ପୂର୍ଣ୍ଣ ଭାବେ ଏସି ହୋଇଥିବା ବେଳେ ପ୍ରତିଟି ବସ୍ରେ ସିସିଟିଭି କ୍ୟାମେରା, ପ୍ୟାନିକ୍ ବଟନ ଓ ଜିପିଏସ୍ ବ୍ୟବସ୍ଥା ରହିଛି । ଆଡାସ୍ କ୍ୟାମେରା ମଧ୍ୟ ବ୍ୟବସ୍ଥା ରହିଛି । ଯାହାଦ୍ୱାରା ଯାତ୍ରୀମାନେ ବିଶେଷ କରି ମହିଳାମାନେ ନିର୍ଭୟରେ ଯାତ୍ରା କରିପାରିବେ ।

## ମହାବଳ ବାଘ ଛାଲ ଜବତ ...

ବ୍ୟାଗରେ ମହାବଳ ବାଘର ଛାଲ ଜବତ କରିଥିଲେ ।ବାଘ ଛାଲକୁ ସିଲାଇ କରାଯାଇ ୧୦ ଲକ୍ଷ ଟଙ୍କାରେ ବିକ୍ରି ଉଦ୍ଦେଶ୍ୟରେ ରଖା ଯାଇଥିଲା । ବନ କର୍ମଚାରୀ ବାଇକ୍ ସହ ଅଭିଯୁକ୍ତ ଶିବୁନ ଟାକ୍ରି କୁ ଗିରଫ କରିଛି । ଏଥିରେ କେଉଁ ମାନେ ସମ୍ପୃକ୍ତ ଅଛନ୍ତି ତାହାର ଅଧିକ ତଦନ୍ତ ଜାରି ରହିଛି । ଗିରଫ ଅଭିଯୁକ୍ତ ଜଣକ ଡାବୁଗାଁ ଥାନା ଅନ୍ତର୍ଗତ ପାତ୍ରୀ ଗ୍ରାମର ଶିବୁନ ଟାକ୍ରୀ ବୋଲି ଜଣା ପଡିଛି । ଏ ନେଇ ବନ ବିଭାଗ ତରଫରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି । ଅପରପକ୍ଷରେ ଏନେଇ ଅଧିକ ତଦନ୍ତ ଜାରି ରହିବା ସହିତ ଫେରାର ଦୁଇ ଆସାମୀ ଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଥିବା ଡିଏଫଓ ସୂଚନା ଦେଇଛନ୍ତି ।

# ପୁସ୍ତକରେ ତ୍ରୁଟିକୁ ପଢ଼ିବେ ଛାତ୍ରଛାତ୍ରୀ,ଆସନ୍ତା ବର୍ଷ ଆଉ ଭୁଲ ରହିବନି : ଏସସିଆରଟି



**ଭୁବନେଶ୍ୱର (ଏନ୍.ଏମ୍.) :** ପିଲାଙ୍କୁ ଆଗାମୀ ବର୍ଷ ମିଳିବ ସଂଶୋଧିତ ବହି । ଶିକ୍ଷକମାନେ ଶ୍ରେଣୀ ଗୃହରେ ପିଲାଙ୍କ ବହିକୁ ସଂଶୋଧନ କରି ପଢ଼ାଇବେ । ଆଗାମୀ ବର୍ଷ ସଂଶୋଧିତ ବହି ପ୍ରକାଶ କରି ପିଲାଙ୍କୁ ଦିଆଯିବ । ଏ ନେଇ ସୂଚନା ଦେଇଛନ୍ତି ଝଉରଜଞ୍ଚ ନିର୍ଦ୍ଦେଶିକା । ସେ କହିଛନ୍ତି ଯେ,ଚଳିତ ବର୍ଷ ନୂଆ ବହି ଛପା ହେବନି , ସଂଶୋଧନ ପୁସ୍ତିକାରେ ପଢ଼ିବେ ଛାତ୍ରଛାତ୍ରୀ । ଏଥର ଭୁଲ ହୋଇଯାଇଛି, ଡିଓମାନଙ୍କୁ ଚିଠି ମାଧ୍ୟମରେ ଜଣାଇ ସାରିଛୁ ବୋଲି ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି । ଛୋଟ ପିଲାଙ୍କ ବହିରେ ଶିକ୍ଷକମାନଙ୍କୁ ସଂଶୋଧନ କରିବାକୁ କୁହାଯାଇଛି । ବଡ଼ ପିଲା ଶିକ୍ଷକଙ୍କ ସାହାଯ୍ୟରେ ବହିରେ ନିଜେ ତ୍ରୁଟି ସଂଶୋଧନ କରିବେ ବୋଲି କହିଛନ୍ତି । ବିଦ୍ୟାଳୟ ପାଠ୍ୟପୁସ୍ତକରେ ତ୍ରୁଟିର ତଦନ୍ତ ସହିତ ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଉନ୍ନୟନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ କମିଟି ଗଠନ କରାଯାଇଛି । ସାତ ଦିନ ମଧ୍ୟରେ କମିଟି ତଦନ୍ତ କରି ରିପୋର୍ଟ ଦାଖଲ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ତ୍ରୁଟି ପଛରେ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ସେହିପରି ତ୍ରୁଟି କେଉଁସ୍ତରରେ ହେଲା, ତାହା ଉପରେ ତଦନ୍ତ କରାଯିବା ସହି ତ୍ରୁଟିଗୁଡ଼ିକର ସଂଶୋଧନ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ ରାଜନୀତିକରଣ କରାନଯାଉ ବୋଲି ସେ କହିଛନ୍ତି । ଅପରପକ୍ଷେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି । ଲୋକସେବା ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଲୋଚନା କରିଛନ୍ତି ।

# ଭିଜିଲାନ୍ସ ପଞ୍ଝାରେ ଲାଞ୍ଚୁଆ ଫରେଷ୍ଟର, ୨୫ ହଜାର ଟଙ୍କା ନେବା ବେଳେ ଧରାପଡ଼ିଲେ

**ଭୁବନେଶ୍ୱର(ଏନ୍.ଏମ୍.) :**ଭିଜିଲାନ୍ସ ପଞ୍ଝାରେ ଲାଞ୍ଚୁଆ ଫରେଷ୍ଟର । ୨୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ପୁରୀ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହେଲେ ଡେଲାଙ୍ଗ ଫରେଷ୍ଟର ରାକେଶ କୁମାର ପଣ୍ଡା । ଫରେଷ୍ଟ ଗେଟରେ ଗାଡି ପାସ୍ କରିବାକୁ ସେ ଲାଞ୍ଚ ନେଉଥିଲେ । ଭିଜିଲାନ୍ସ ଟିମ୍ ରାକେଶଙ୍କ ଦୁଇଟି ଠିକଣାରେ ଚଢାଉ କରିଛି । ସୂଚନାନୁଯାୟୀ, ଡେଲାଙ୍ଗ ଫରେଷ୍ଟର ରାକେଶ କୁମାର ପଣ୍ଡା ଆଙ୍ଗୋଇ ଅଞ୍ଚଳର ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କୁ ଜଙ୍ଗଲ ଜମି ଦେଇ ନିଜ କ୍ଷେତକୁ ମାଟି ବୋହି ନେବାକୁ ୨୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏନେଇ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ପୁରୀ ଭିଜିଲାନ୍ସ ଉଝକ୍ଟ ସୋମନାଥ ବାରିକଙ୍କ ନେତୃତ୍ୱରେ ୮ ଜଣିଆ ଟିମ୍ ପୂର୍ବ ପ୍ରସ୍ତୁତି କ୍ରମେ ଫରେଷ୍ଟର ଲାଞ୍ଚ ନେବା ବେଳେ ରେଡ୍ କରିଥିଲେ । ଫରେଷ୍ଟରଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ ହୋଇଛି । ଫରେଷ୍ଟରଙ୍କ ଅଫିସ ଏବଂ ଖୋର୍ଦ୍ଧାର ଭାଲିଆ ବାଡିରେ ଥିବା ପିତୃକ ଘରେ ଚଢାଉ ଚାଲିଛି ।

# ଓଡିଆ ପାଠ୍ୟ ପୁସ୍ତରେ ଅକ୍ଷମଣୀୟ ତ୍ରୁଟି ପାଇଁ ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ : କଳିଙ୍ଗସେନା

**ଭୁବନେଶ୍ୱର(ଏନ୍.ଏମ୍.) :** ସରକାର ଓଡ଼ିଆ ଅସ୍ମିତାର କଥା କହୁଥିବାବେଳେ ଶିକ୍ଷା କ୍ଷେତ୍ରରେ ତାହା ପ୍ରତାରଣା ସ୍ୱରୂପ ହୋଇଛି । ଓଡିଶାର ଛାତ୍ରଛାତ୍ରୀଙ୍କ ପାଇଁ ଓଡିଆ ଭାଷାରେ ପ୍ରକାଶିତ ପାଠ୍ୟପୁସ୍ତକରେ ଯେଉଁ ଅକ୍ଷମଣୀୟ ତ୍ରୁଟି ହୋଇଛି ସେଥିପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରନ୍ତୁ । ଏଥି ସହିତ ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିବା ଅଧିକାରୀ/କର୍ମଚାରୀମାନଙ୍କ ବିରୁଦ୍ଧରେ ମାମଲା ରୁଜୁ ସହିତ ସମସ୍ତ କ୍ଷତି ଅର୍ଥ ସେମାନଙ୍କ ଠାରୁ ଆଦାୟ ପାଇଁ ଦାବି କରିଛି କଳିଙ୍ଗସେନା । ସେନା ସୁପ୍ରିମୋ ହେମନ୍ତ ରଥ କହିଛନ୍ତି ଯେ ସଦ୍ୟ ପ୍ରକାଶିତ ଓଡିଆ ପାଠ୍ୟପୁସ୍ତକରେ ଯେଉଁଭଳି ଭାବେରେ ହଜାର ହଜାର ତ୍ରୁଟି ପରିଲକ୍ଷିତ ହୋଇଛି ତାହା ଓଡିଶା ଶିକ୍ଷା ଇତିହାସରେ ବିରଳ । ଏଥିରେ କେବଳ ବରପୁତ୍ରମାନଙ୍କ ସଂକ୍ରାନ୍ତରେ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରାଯାଇଛି ତାହା ନୁହେଁ, ଓଡିଶା ବିଧାନସଭାର ଫଟୋଚିତ୍ର ସ୍ଥାନରେ କର୍ଣ୍ଣାଟକ ବିଧାନସଭାର ଫଟୋଚିତ୍ର ଲଗାଯାଇଛି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଓଡିଆ ଛାତ୍ରଛାତ୍ରୀଙ୍କ ପାଇଁ ବିଭାଗୀୟ ମନ୍ତ୍ରୀ କିମ୍ବା ଅଫିସର କେହି ସମ୍ବେଦନଶୀଳ ନୁହନ୍ତି । ବହି ପିଲାଙ୍କ ପାଖକୁ ଯିବା ପୂର୍ବରୁ ଅନ୍ତତଃ ଥରୁଟିଏ ଆଖି ପକାଇ ଦେଇଥିଲେ ଏଭଳି ହୋଇନଥାନ୍ତା । ଶ୍ରୀ ରଥ କହିଛନ୍ତି ଯେ କେଉଁ ସଂସ୍ଥା କିମ୍ବା ବ୍ୟକ୍ତି ବିଶେଷ ଏହି ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିଲେ ଓ ସେମାନେ କେତେ ଟଙ୍କା ନେଇଛନ୍ତି ରାଜ୍ୟ ସରକାର ତାହା ସାର୍ବଜନୀନ କରନ୍ତୁ । ଲକ୍ଷାଧିକ ପୁସ୍ତକ ଛପେଇ ଅର୍ଥ ପାଣିରେ ପଡିଥିବାରୁ ତୁରନ୍ତ ଏହି ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ସହିତ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ଠାରୁ ସମସ୍ତ ଅର୍ଥ ଆଦାୟ କରନ୍ତୁ । ରାଜ୍ୟ ସରକାର ଯେତେଶୀଘ୍ର ସମ୍ଭବ କଠୋର ପଦକ୍ଷେପ ଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ସଠିକ୍ ପାଠ୍ୟପୁସ୍ତକ ଯୋଗାଇ ଦେବାପାଇଁ ଶ୍ରୀ ରଥ ଦାବି କରିଛନ୍ତି ।

# ମହାପ୍ରଭୁଙ୍କ ବ୍ୟାଙ୍କ ଜମା ୧୧୦୦ କୋଟି ଟଙ୍କା



**ପୁରୀ(ଏନ୍.ଏମ୍.) :** ୧୧୦୦ କୋଟି ଟପିଲା ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥ ବ୍ୟାଙ୍କ ଜମା । ଏହି ଜମା ଉପରେ ବାର୍ଷିକ ୭% ସୁଧ ହିସାବ କଲେ ଏହା ୭୭ କୋଟି ଟପିବ । ଦିନକୁ ସୁଧର ପରିମାଣ ହିସାବ କଲେ ଏହି ଜମାରୁ ୨୧ ଲକ୍ଷ ଟଙ୍କା ଏବଂ ମାସିକ ୬ କୋଟିରୁ ଅଧିକ ଟଙ୍କା ସୁଧ ମିଳୁଛି । ଶ୍ରୀମନ୍ଦିର ପ୍ରଶାସନ ଏବେ ପ୍ରାୟ ୭ଟି ଜାତୀୟ ବ୍ୟାଙ୍କରେ ମହାପ୍ରଭୁଙ୍କ ନାମରେ ଦାନ ପାଣ୍ଠି ଅଛି । ଚଳିତ ମାସରେ ବ୍ୟାଙ୍କ ଅଫ୍ ବରୋଦାରେ ୩୭କୋଟି ୮୭ ଲକ୍ଷ ଟଙ୍କା ଶ୍ରୀମନ୍ଦିର ଫଣ୍ଡ ଜମା ହୋଇଛି । ଏହି ଟଙ୍କାକୁ ୭.୬୫% ସୁଧ ହାରରେ ଜମା କରାଯାଇଛି । ଚଳିତ ମାସରେ ଦୁଇଟି ଜାତୀୟ ବ୍ୟାଙ୍କ ବ୍ୟାଙ୍କ ଅଫ୍ ବରୋଦା ଓ ୟୁନିୟନ ବ୍ୟାଙ୍କରୁ ଉକ୍ତ ୩୭.୬୭ କୋଟି ଟଙ୍କା ମାଚ୍ୟୁରିଟି ପାଇଥିଲା । ପରେ ଚଳିତ ମାସ ଆୟ ଫଣ୍ଡକୁ ମିଶାଇ ମୋଟ ୩୭.୮୭ କୋଟି ବ୍ୟାଙ୍କ୍ ଅଫ୍ ବରୋଦାରେ ରଖାଯାଇଛି । ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଉପସ୍ଥିତିରେ ଏହି ଶ୍ରୀମନ୍ଦିର ଫଣ୍ଡକୁ ବ୍ୟାଙ୍କ୍ ଅଫ ବରୋଦାକୁ ଅଧିକ ସୁଧ ପ୍ରଦାନ ବିଡ଼ିଂ ଆଧାରରେ ଦିଆଯାଇଛି । ଚଳିତ ମାସରେ ହୁଣ୍ଡି ଆୟ ଆଶାନୁରୂପ ଭାବରେ ବଢ଼ିଛି । ଗତ ସପ୍ତାହକର ଡାଟା ଦେଖିଲେ ଜୁନ୍ ୧୨ ତାରିଖରୁ ୧୯ ତାରିଖ ଭିତରେ କେବଳ ହୁଣ୍ଡିରୁ ୫୩ ଲକ୍ଷ ୪୭ ହଜାର ୯୭୬ ଟଙ୍କା ଆଦାୟ ହୋଇଛି । ଯେଉଁଥିରେ କେବଳ ଜୁନ୍ ୧୨ ତାରିଖରେ ୧୨ ଲକ୍ଷ ୬୫ ହଜାର ୭୬୯ ଟଙ୍କା ରହିଛି । ଏହାବାଦ୍ ଅନ୍ଲାଇନ୍ ଦାନ ଓ ରସିଦ୍ ଦାନ ମଧ୍ୟ ଲୋକେ ବିପୁଳ ପରିମାଣରେ ଦେଉଛନ୍ତି । ଭକ୍ତମାନଙ୍କ ସୂତ୍ରରୁ ବିପୁଳ ଦାନ ମିଳୁଥିଲେ ମଧ୍ୟ ସେମାନଙ୍କ ନିମନ୍ତେ ଶ୍ରୀମନ୍ଦିର ଭିତର କିମ୍ବା ବାହାରେ ପ୍ରଶାସନ ପର୍ଯ୍ୟାପ୍ତ ମୌଳିକ ସୁବିଧା କରିପାରୁନାହିଁ । ଶ୍ରୀମନ୍ଦିର ପ୍ରଶାସନ ତିନିଟି ପାଙ୍ଗରି ଜମା ବ୍ୟବସ୍ଥା କରିଛି । କର୍ପସ ଫଣ୍ଡ, ଶ୍ରୀମନ୍ଦିର ଫଣ୍ଡ, ଫାଉଣ୍ଡେସନ ଫଣ୍ଡ ନାମରେ ଏହି ତିନିଟି ଫଣ୍ଡ ରହିଛି । ଏହା ଭିନ୍ନଭିନ୍ନ କାମରେ ପ୍ରଶାସନ ବ୍ୟବହାର କରୁଛି । ସରକାରୀ ତଥ୍ୟ ମୁତାବକ, ୨୦୨୧-୨୨ରେ ହୁଣ୍ଡିରୁ ୮ କୋଟି ୨୩ ଲକ୍ଷ ୧୩ ହଜାର ୧୨୭ ଟଙ୍କା, ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୬ କୋଟି ୮୩ ଲକ୍ଷ ୩୧ ହଜାର ୯୬୧ ଟଙ୍କା ଓ ଅନ୍ୟାନ୍ୟ ସୂତ୍ରରୁ ୨ କୋଟି ୨୫ ଲକ୍ଷ ୩୧ ହଜାର ୯୪୭ ଟଙ୍କା ମିଳିଥିଲା । ସେହିପରି ୨୦୨୨- ୨୩ରେ ହୁଣ୍ଡିରୁ ୧୫ କୋଟି ୪୬ ଲକ୍ଷ ୧୭ ହଜାର ୧୫୨, ବ୍ୟାଙ୍କ ଆକାଉଣ୍ଟରୁ ୩୦ କୋଟି ୭୨ ଲକ୍ଷ ୨୭ ହଜାର ୨୧୬ ଓ ଅନ୍ୟାନ୍ୟ ସୂତ୍ରରୁ ୪ କୋଟି ୬୨ ଲକ୍ଷ ୩୪୩ ଟଙ୍କା ମିଳିଥିଲା । ୨୦୨୩-୨୪ରେ ହୁଣ୍ଡିରୁ ୧୬ କୋଟି ୯୨ ଲକ୍ଷ ୩୬ ହଜାର ୯୪୭, ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୨୨ କୋଟି ୨୪ ଲକ୍ଷ ୩୯ ହଜାର ୯୧୮ ଓ ଅନ୍ୟାନ୍ୟ ସୂତ୍ରରୁ ୮ କୋଟି ୭୩ ଲକ୍ଷ ୫୭ ହଜାର ୭୦୧ ଟଙ୍କା ଦାନ ରାଶି ମିଳିଥିଲା । ଏହି ୩ ଆର୍ଥିକ ବର୍ଷରେ ହୁଣ୍ଡିରୁ ୪୦ କୋଟି ୬୧ ଲକ୍ଷ ୬୭ ହଜାର, ବ୍ୟାଙ୍କ ଆକାଉଣ୍ଟରେ ୫୯ କୋଟି ୭୯ ଲକ୍ଷ ୯୯ ହଜାର ୯୫ ଟଙ୍କା, ଅନ୍ୟାନ୍ୟ ସୂତ୍ରରୁ ୧୨ କୋଟି ୬୦ ଲକ୍ଷ ୮୯ ହଜାର ୫୪୧ ଟଙ୍କା ମିଳିଥିଲା । ସେହିପରି ଏହି ୩ ବର୍ଷରେ ହୁଣ୍ଡି ଓ ଅନ୍ୟାନ୍ୟ ଉତ୍ସରୁ ୧୨ କେଜି ୨୮୪ ଗ୍ରାମ ୪୨୪ ମିଲିଗ୍ରାମ ସୁନା ଓ ୨୪୧ କେଜି ୧୨୯ ଗ୍ରାମ ୬୩୫ ମିଲିଗ୍ରାମ ରୁପା ମିଳିଥିଲା । ହୁଣ୍ଡିରୁ ପ୍ରାପ୍ତ ଅର୍ଥର ୧୦% ଓ ଅନ୍ୟାନ୍ୟ ମାଧ୍ୟମରେ ଆସୁଥିବା ୫୦୦ ଟଙ୍କାରୁ କମ୍ ଦାନ ଅର୍ଥକୁ ଶ୍ରୀମନ୍ଦିରର ଦୈନନ୍ଦିନ କାର୍ଯ୍ୟରେ ବିନିଯୋଗ କରୁଛି ପ୍ରଶାସନ । ସେହିପରି ସୁନା ଓ ରୁପା ଦାନକୁ ବିଭିନ୍ନ ଅଳଙ୍କାର ମରାମତି ଓ ନୀତିକାନ୍ତି ନିମନ୍ତେ ପ୍ରଶାସନ ବ୍ୟବହାର କରୁଛି । ବଳକା ସୁନା ଓ ରୁପାକୁ ଶ୍ରୀମନ୍ଦିର ପ୍ରଶାସନର ଲକର କିମ୍ବା ଶ୍ରୀମନ୍ଦିର ପ୍ରଶାସନର ବ୍ୟାଙ୍କ ଲକରରେ ମହଜୁଦ ରଖାଯାଉଛି । ସେହିପରି ୨୦୨୪-୨୫ରେ ଶ୍ରୀମନ୍ଦିର ପ୍ରଶାସନ କର୍ପସ ପାଙ୍ଗରି ଅନ୍ତର୍ଗତ ୫୦୦ କୋଟି ଟଙ୍କା ସରକାର ଦେଇଛନ୍ତି । ଏହା ଶ୍ରୀମନ୍ଦିରର ମୂଳ ପାଙ୍ଗରି ହିସାବରେ ରଖାଯାଇଛି ।

## ସୁସ୍ଥ ଜୀବନ ପାଇଁ ଯୋଗ

# ଯୋଗ ସମଗ୍ର ବିଶ୍ୱକୁ ଯୋଡ଼େ : ପ୍ରଧାନମନ୍ତ୍ରୀ



**ଭୁବନେଶ୍ୱର(ଏନ୍.ଏମ୍.) :**ଦେଶର କୋଣ ଅନୁକୋଣରେ ପାଳିତ ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସ । ଯୋଗ ପାଇଁ କେବଳ ଭାରତ ନୁହେଁ, ବିଶ୍ୱର ୧୯୧ଟି ଦେଶ ଉତ୍ସାହିତ ଅଛନ୍ତି । ପୂର୍ବ ବର୍ଷ ଭଳି ଏଥର ମଧ୍ୟ ଯୋଗ ବିଭିନ୍ନ କ୍ଷେତ୍ରରେ ପାଳନ ହେଉଛି । ଜଳ, ସ୍ଥଳ, ପାହାଡ଼ରେ ମଧ୍ୟ ଯୋଗ ଦିବସ ପାଳନ ପାଇଁ ଆୟୋଜନ ହୋଇଛି । ଗାଁଠାରୁ ସହର ପର୍ଯ୍ୟନ୍ତ ଯୋଗ ଦିବସ ପାଇଁ ପଦକ୍ଷେପ ନିଆଯାଇଛି । କୋଲକାତାର ରେଡ୍ ରୋଡ୍ରେ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଉଛନ୍ତି । ଦ୍ୱାଦଶତମ ଯୋଗ ଦିବସରେ ମୋଦୀଙ୍କ ସହିତ ଯୋଗ କରିବା ପାଇଁ ୬ ଲକ୍ଷ ଲୋକ ସେମାନଙ୍କର ନାମ ପଂଜୀକରଣ କରିଛନ୍ତି । ଆଞ୍ଚଳିକସ୍ତର ଠାରୁ ଜାତୀୟସ୍ତର ପର୍ଯ୍ୟନ୍ତ ଯୋଗ ଦିବସ ପାଳନ ହେଉଛି । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସାଂସଦ, ବିଧାୟକ, ଅଧିକାରୀ ତଥା କର୍ମଚାରୀମାନେ ଯୋଗରେ ସାମିଲ ହେଉଛନ୍ତି । ସେହିପରି ଯୁବଗୋଷ୍ଠୀ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ଯୋଗ ସହିତ ଜଡ଼ିତ ହେଉଛନ୍ତି । ଚଳିତ ବର୍ଷ ଯୋଗ ପାଇଁ 'ସୁସ୍ଥ ଜୀବନ ପାଇଁ ଯୋଗ' ଥିମ୍ ରଖାଯାଇଛି ।

**ଯୋଗ ପରମ୍ପରା :**

ଯୋଗ ପରମ୍ପରା ବହୁ ପ୍ରାଚୀନ । ଭାରତରେ ଏହା ପ୍ରାୟ ୬୦୦୦ ବର୍ଷ ପୂର୍ବେ ବିକଶିତ ହୋଇଥିବା କଥା କୁହାଯାଇଥାଏ । ଏହା ହେଉଛି ଶରୀର, ମନ ଓ ଆତ୍ମାକୁ ସଂଯମ କରିବାର ଏକ ଆଧ୍ୟାତ୍ମିକ ପଦ୍ଧତି । ଯୋଗର ଅନେକ ଶାଖା ଓ ଅଭ୍ୟାସ ରହିଛି । ହିନ୍ଦୁଧର୍ମ, ବୌଦ୍ଧଧର୍ମ ଓ ଜୈନଧର୍ମରେ ବିଭିନ୍ନ ସାଧନା ମାର୍ଗ ରହିଛି । ଯୋଗ ମାଧ୍ୟମରେ ମନର ଚିନ୍ତାଧାରା ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଅଣାଯାଇପାରିବ ।

**ବୈଦିକ ଯୁଗରେ ଯୋଗର ଉତ୍ପତ୍ତି :**

ପ୍ରାକ୍ ବୈଦିକ ଯୁଗରୁ ଯୋଗର ଉତ୍ପତ୍ତି ବୋଲି ଗ୍ରହଣ କରାଯାଏ । ସିନ୍ଧୁ ଉପତ୍ୟକା ସଭ୍ୟତାରୁ ମିଳିଥିବା ମୁଦ୍ରାରେ ଯୋଗାସନରେ ସ୍ଥିତ ପଶୁପତିଙ୍କ ଛବି ଯୋଗର ପ୍ରାଚୀନତା ପ୍ରତିପାଦନ କରିଥାଏ । ଋକବେଦରେ ମଧ୍ୟ ଯୋଗର ଉଲ୍ଲେଖ ରହିଛି । ବିଭିନ୍ନ ଉପନିଷଦରେ ଥିବା ବର୍ଣ୍ଣନା ଅନୁଯାୟୀ ଯୋଗର ବ୍ୟବହାର ବହୁ ପୁରାତନ । ବୌଦ୍ଧସୂତ୍ରରେ ମଧ୍ୟ ଯୋଗର ଉଲ୍ଲେଖ ରହିଛି । ତେବେ ପତଞ୍ଜଳିଙ୍କ ଯୋଗସୂତ୍ର ଯୋଗ ସମ୍ବନ୍ଧରେ ପ୍ରଥମ ଗ୍ରନ୍ଥ, ଯାହା ଯୋଗର ମାନସିକ ଓ ଦାର୍ଶନିକ ବାଖ୍ୟା କରିଥାଏ । ବୈଦିକ ଷଡ଼ଦର୍ଶନ ମଧ୍ୟରୁ ଯୋଗ ଅନ୍ୟତମ, ଯାହା ପତଞ୍ଜଳୀଙ୍କ ଯୋଗସୂତ୍ର ଉପରେ ଆଧାରିତ । ଯୋଗର ବିଭିନ୍ନ ମାର୍ଗ ସମ୍ପର୍କରେ ଭଗବତ୍ ଗୀତାରେ ବିସ୍ତୃତ ବର୍ଣ୍ଣନା ରହିଛି । ଯୋଗକୁ ଏବେ ସମଗ୍ର ବିଶ୍ୱବାସୀ ଗୁରୁତ୍ୱ ଦେଉଛନ୍ତି । ଯୋଗ ବଳରେ ଅନେକ ରୋଗ ମଧ୍ୟ ଭଲ ହେଉଛି । ଅନେକ କ୍ଷେତ୍ରରେ ଯେତେବେଳେ ଡାକ୍ତରୀ ଚିକିତ୍ସା ଫେଲ୍ ମାରୁଛି, ସେହି ସ୍ଥାନରେ ଯୋଗ ମାଧ୍ୟମରେ ରୋଗୀ ଭଲ ହୋଇଯାଇପାରୁଛି ।

**ଅନ୍ତର୍ଚ୍ଚେତନା ଜୀବାତ୍ମାର ମିଶ୍ରଣ :**

ଯୋଗ ହେଉଛି ସାଧନାର ଅନ୍ତର୍ଚ୍ଚେତନାର ବିକାଶ ଓ ମହାଚେତନା ସଙ୍ଗରେ ମିଳନର ପ୍ରକ୍ରିୟା । ଯୋଗର ଆକ୍ଷରିକ ଅର୍ଥ ହେଉଛି ମହାଚେତନା ପରମାତ୍ମା ସହିତ ଅନ୍ତର୍ଚ୍ଚେତନା ଜୀବାତ୍ମାର ମିଶ୍ରଣ । ଯୋଗ ଶବ୍ଦ ସଂସ୍କୃତ 'ଯୁଜ୍' ଧାତୁରୁ ଆସିଅଛି, ଯାହାର ଅର୍ଥ : ଏକତ୍ର କରିବା, ଯୁକ୍ତ କରିବା ବା ଯୁକ୍ତ ଅବସ୍ଥା ଅଟେ । ଆଧ୍ୟାତ୍ମିକ ଅର୍ଥରେ ଏହା ଜୀବାତ୍ମା ଓ ପରମାତ୍ମାଙ୍କ ମିଳନକୁ ବୁଝାଏ । ଯୋଗ ଶବ୍ଦର ଆହୁରି ଅନେକ ଅର୍ଥ ରହିଛି, ଯଦିଓ ଏକ ଆଧ୍ୟାତ୍ମିକ, ମାନସିକ, ଶାରୀରିକ ଶୃଙ୍ଖଳା ଭାବରେ ଏହାର 'ଯୁକ୍ତ' ଅର୍ଥକୁ ବୁଝାଯାଏ । ଯୋଗ ପାରମ୍ପରିକ ବୈଦିକ ସଡ଼ ଦର୍ଶନ ମଧ୍ୟରେ ଅନ୍ୟତମ । ଯୋଗର ପ୍ରୟୋଗ ଓ ମାର୍ଗକୁ ନେଇ ଅନେକ ଶାଖା ରହିଛି । ସବୁ ଶାଖା ମୁଖ୍ୟତଃ ଯୋଗର ମୂଳ ନିୟମ ଗୁଡିକ, ଏକାଗ୍ରତା ଓ ମାନସିକ ନିୟନ୍ତ୍ରଣ ଉପରେ ଆଧାରିତ । ଯୋଗର ନିମ୍ନସ୍ଥ ମୁଖ୍ୟ ଶାଖା ସବୁ ବର୍ତ୍ତମାନ ମଧ୍ୟ ରହିଛି ।

# ତିଖିରି ସରପଞ୍ଚଙ୍କୁ ହସ୍ପିଟାଲରେ ଭେଟିଲେ ବିଧାୟିକା ସୋଫିଆ ଫିରଦୋସ : ଘଟଣାକୁ ନେଇ ପ୍ରକାଶ କଲେ ଗଭୀର ଉଦବେଗ



**କେନ୍ଦ୍ରାପଡ଼ା (ଏନ୍.ଏମ୍.) :** କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଥିବା ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଆଜି ହସ୍ପିଟାଲରେ ପହଞ୍ଚି ଚିକିତ୍ସିତ ହେଉଥିବା ତିଖିରି ପଞ୍ଚାୟତର ଯୁବ ସରପଞ୍ଚ ଶ୍ରୀମତୀ ଚାମେଲି ଓଝାଙ୍କୁ ଭେଟିଛନ୍ତି । ହସ୍ପିଟାଲରେ ପହଞ୍ଚି ବିଧାୟିକା ସିଧାସଳଖ ଶ୍ରୀମତୀ ଓଝାଙ୍କ ନିକଟକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ଏଥିସହିତ ସେ ଉପସ୍ଥିତ ଡାକ୍ତରମାନଙ୍କ ସହ ଆଲୋଚନା କରି ଚାମେଲିଙ୍କ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅପଡେଟ୍ ନେଇଥିଲେ । ବିଗତ ଦିନରେ ଚାମେଲି ଓଝାଙ୍କ ସହ ଘଟିଥିବା ଅମାନୁଷିକ ବ୍ୟବହାର, ଶାରୀରିକ ଆକ୍ରମଣ ଏବଂ ସାମ୍ପ୍ରତିକ ପ୍ରଶାସନିକ ଉଦାସୀନତାକୁ ନେଇ ବିଧାୟିକା ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଏହି ସମ୍ବେଦନଶୀଳ ଘଟଣାରେ ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ, ଉପଯୁକ୍ତ ଚିକିତ୍ସା ଏବଂ ନ୍ୟାୟ ପ୍ରଦାନ ଦାବି କରି ବିଧାୟିକା କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ଆଲୋଚନା କରିବା ସହିତ ଏକ ଚିଠି ପ୍ରଦାନ କରିଛନ୍ତି । ଶ୍ରୀମତୀ ଓଝାଙ୍କୁ ଜଣେ ତୃଣମୂଳ ସ୍ତରର ସଂଗ୍ରାମୀ ଏବଂ ନିଜର ସାନ ଭଉଣୀ ସଦୃଶ ବୋଲି ଅଭିହିତ କରି ବିଧାୟିକା କହିଛନ୍ତି ଯେ ଏହି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାର ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ପ୍ରଶାସନିକ ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ ୬ ରୁ ୭ ମାସ ହେବ ତିଖିରି ପଞ୍ଚାୟତର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ କାର୍ଯ୍ୟକୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ ରଖାଯିବା ସହ ସରପଞ୍ଚଙ୍କୁ କ୍ରମାଗତ ଭାବେ ହଇରାଣ ହରକତ କରାଯାଉଥିବା ନେଇ ସେ ପତ୍ରରେ ଦର୍ଶାଇଛନ୍ତି । ବିଶେଷ କରି ମହାକାଳପଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଏବଂ ସ୍ଥାନୀୟ ପୋଲିସର ଭୂମିକାକୁ ନେଇ ମଧ୍ୟ ଗୁରୁତର ଅଭିଯୋଗ ଆସିଛି । ପୋଲିସ ପ୍ରକୃତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସରପଞ୍ଚଙ୍କ ନାମରେ ଏକ ମିଥ୍ୟା କାଉଣ୍ଟର-ଏଫଆଇଆର ରୁଜୁ କରିଥିବା ବେଳେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିବାରୁ ଆଇନ ଶୃଙ୍ଖଳା ଉପରୁ ସାଧାରଣ ଜନତାଙ୍କ ଭରସା ତୁଟିଯାଇଛି ବୋଲି ସେ ଦୋହରାଇଛନ୍ତି । ଏହି ସଂଗୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଧାୟିକା ସୋଫିଆ ଫିରଦୋସ କେତେକ ଅପରିହାର୍ଯ୍ୟ ଦାବି ଉପସ୍ଥାପନ କରିଛନ୍ତି । ଶ୍ରୀମତୀ ଓଝାଙ୍କ ଶାରୀରିକ ଓ ମାନସିକ ସ୍ଥିତି ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ସ୍ଥାନାନ୍ତର, ତାଙ୍କ ବିରୋଧରେ ଲଗାଯାଇଥିବା ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର, ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ଫେରସ୍ତ ପାଇଁ ସେ ଦୃଢ଼ ଦାବି ଜଣାଇଛନ୍ତି । ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଆନୁଷ୍ଠାନିକ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନନିଆଯିବା ପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରହିବ ବୋଲି ବିଧାୟିକା ସ୍ପଷ୍ଟ କରିଛନ୍ତି ।




# ୱେଷ୍ଟଇଣ୍ଡିଜର ଟ୍ୱେଣ୍ଟି-୨୦ ସିରିଜ୍ କବ୍‌ଜା




## ଶେଷ ମ୍ୟାଚ୍‌ରେ ଶ୍ରୀଲଙ୍କା ୫ ୱିକେଟ୍‌ରେ ହାରିଲା

କିଙ୍ଗଷ୍ଟନ୍(ଏଜେନ୍ସି) : ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍ ଟ୍ୱେଣ୍ଟି-୨୦ ଘରୋଇ ଶୃଙ୍ଖଳାକୁ ୱେଷ୍ଟଇଣ୍ଡିଜ୍ ୨-୧ରେ ଜିତି ନେଇଛି। ସୋମବାର ଖେଳାଯାଇଥିବା ଶେଷ ତଥା ନିର୍ଣ୍ଣାୟକ ମ୍ୟାଚ୍‌ରେ ଇଣ୍ଡିଜ୍ ଦଳ ୫ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୧୬୯ ରନ୍ କରିଥିଲା। ଦଳ ପକ୍ଷରୁ ଦୁନିଥ ୱେଲାଲାଗେ ୪୩, କାମିଲ ମିଶରା ୨୮ ଓ ପଥୁମ ନିଶଙ୍କ ୨୬ ରନ୍ କରିଥିଲେ। ଘରୋଇ ଦଳର ସାମର ଯୋଶେଫ (୪-୦-୩୩-୫) ସଫଳ ବୋଲର ଥିଲେ। ଜବାବରେ ସେରଫାନ ରଦରଫୋର୍ଡ (୫୪, ୪୦ ବଲ୍, ୩ ଚୌକା, ୪ ଛକା)ଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ଜାସନ ହୋଲଡରଙ୍କ ୫ ବଲରୁ ୨୧ ରନ ବଳରେ ଇଣ୍ଡିଜ୍ ୨ ବଲ୍ ପୂର୍ବରୁ ୫ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ରୋଭମନ ପାୱେଲ ୩୩ ଓ ସିମ୍ରନ ହେଟ୍‌ମାୟର ୩୨ ରନ୍ କରିଥିଲେ। ସାମର ଯୋଶେଫ ଉଭୟ ମ୍ୟାଚ୍ ଓ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

## ଏଫଆଇଏଚ୍ ନେସନ୍ସ କପ୍ ମହିଳା ହକି

# ଭାରତକୁ ପ୍ରୋ ଲିଗ୍ ଯୋଗ୍ୟତା




ନ୍ୟୁଜିଲାଣ୍ଡ (ଏଜେନ୍ସି): କ୍ରୀଡ଼ା କ୍ଷେତ୍ରରେ ଭାରତ ନିଜର ସ୍ଥିତିକୁ ଜାହିର କରିପାରିଛି। ଆନ୍ତର୍ଜାତୀୟସ୍ତରରେ ଭାରତ ଏଭଳି ସ୍ଥିତିରେ ରହିବା କ୍ରୀଡ଼ାବିତମାନଙ୍କୁ ବେଶ ଉତ୍ସାହିତ କରୁଛି ବୋଲି କ୍ରୀଡ଼ାପ୍ରେମୀମାନେ ମତପ୍ରକାଶ କରିଛନ୍ତି। ବିଶେଷ କରି କ୍ରିକେଟ, ହକି ଓ ଫୁଟବଲ ଖେଳରେ ମହିଳାଙ୍କ ପ୍ରତିଭା ମଧ୍ୟ ବେଶ ବିକଶିତ ହୋଇ ପାରିଛି। ଜାପାନକୁ ୨-୧ ଗୋଲ୍‌ରେ ହରାଇ ଭାରତୀୟ ମହିଳା ହକି ଦଳ ଚଳିତ ଏଫଆଇଏଚ୍ ନେସନ୍ସ କପ୍ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଏହି ବିଜୟ ସହିତ ଭାରତୀୟ ଦଳ ମଧ୍ୟ ଆସନ୍ତାବର୍ଷର ଏଫଆଇଏଚ୍ ପ୍ରୋ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ପ୍ରଥମ ମ୍ୟାଚ୍ ରେ ଆମେରିକାକୁ ପରାସ୍ତ କରିଥିବା ଭାରତୀୟ ଦଳ ପାଇଁ ମଙ୍ଗଳବାର ଅଧିନାୟିକା ସଲିମା ଟେଟେ ଓ ଲାଲରେମସିଆମି ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଭାରତ ଦୁଇ ମ୍ୟାଚ୍‌ରୁ ୬ ପଏଣ୍ଟ ସହ ସେମିଫାଇନାଲ୍ ପ୍ରବେଶକୁ ନିଶ୍ଚିତ କରିଛି।

## ୧ ମ୍ୟାଚ୍ , ୭ ବଞ୍ଚାଓ, ୫୦ ଲକ୍ଷ ପ୍ରଶଂସକ

# ୪୦ ବର୍ଷୀୟ ଭୋଜିନୋଙ୍କ ଆଖିରେ ଆନନ୍ଦାଶ୍ରୁ



ଆଟଲାଣ୍ଟା (ଏଜେନ୍ସି): ସଂଘର୍ଷ ଭିତରେ ମିଳିଥିବା ସଫଳତାର ମଧୁର ଅନୁଭବ ସବୁଠାରୁ ନିଆରା ଓ ଚିରସ୍ଥାୟୀ। ଏହାର ଏକ ସଦ୍ୟତମ ଉଦାହରଣ ଅସିଛି ଚଳିତ ଫିଫା ବିଶ୍ୱକପ୍ ରୁ। ଆଟଲାଣ୍ଟାରେ ସୋମବାର ରାତିରେ ଖେଳାଯାଇଥିବା ସ୍ପେନ୍ ବିପକ୍ଷରେ ମୁକାବିଲାରେ ଐତିହାସିକ ଡ୍ର' ଅର୍ଜନ କରିଥିବା କେବ୍ ବର୍ଡେ ଦଳର ୪୦ ବର୍ଷ ବୟସ୍କ ଗୋଲରକ୍ଷକ ଭୋଜିନାଙ୍କ ପ୍ରଦର୍ଶନ ଏବେ ତାଙ୍କୁ ଅପ୍ରତ୍ୟାଶିତ ନାୟକ ଭାବେ ଉଭା କରାଇଛି। ବିଶ୍ୱକପ୍‌ର ପଦାର୍ପଣ ମ୍ୟାଚ୍ ରେ ସେ ୭ଟି ଗୋଲ୍ ରକ୍ଷା କରିବା ଏବଂ ଦଳକୁ କ୍ଲିନ୍ ସିଟ୍ (ଗୋଲ୍ ବରଣ ନକରିବା) ପ୍ରଦାନ କରିବା ଭଳି ଉଲ୍ଲେଖନୀୟ ସଫଳତା ଦେଇଛନ୍ତି। ଏହି ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। କିନ୍ତୁ ପୂର୍ବତନ ବିଜେତା ତଥା ବିଶ୍ୱର ୨ନମ୍ବର ମାନ୍ୟତାପ୍ରାପ୍ତ ଦଳ ସ୍ପେନ୍ ବିପକ୍ଷରେ ଭୋଜିନାଙ୍କ ପ୍ରଦର୍ଶନକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା ଉଠିଛି। ଭୋଜିନାଙ୍କ ପ୍ରଶଂସାରେ ସମସ୍ତେ ଶତମୁଖ ହୋଇପଡ଼ିଛନ୍ତି। ତାଙ୍କୁ ବି ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ୪୦ବର୍ଷ ବୟସରେ ୯୫ ମିନିଟ୍ ର ସଂଘର୍ଷ କରିଥିବା ଏହି ଖେଳାଳି ମ୍ୟାଚ୍ ଶେଷରେ ଭାବବିହ୍ୱଳ ହୋଇଯାଇଥିଲେ। ଟେଲିଭିଜନ କ୍ୟାମେରା ସାମନାରେ ଛିଡ଼ା ହେବାବେଳେ ସେ ଏତେ ଭାବବିହ୍ୱଳ ହୋଇଯାଇଥିଲେ ଯେ ତାଙ୍କ ଆଖିରୁ ଅହରହ ଲୁହ ଝରି ଆସିଥିଲା। ଦଶନ୍ଧି ଦଶନ୍ଧିର ପରିଶ୍ରମ, ସଙ୍କଳ୍ପ, ତ୍ୟାଗ ଓ ବିଶ୍ୱାସ କିଭଳି ତାଙ୍କୁ ନିଜର ଗୋଟିଏ ସ୍ୱପ୍ନକୁ ସାକାର ରୂପ ଦେଇଥିଲା ସେ ନିଜକୁ ବିଶ୍ୱାସ ବି କରିପାରୁନଥିଲେ। ଏହି ସ୍ମରଣୀୟ ମୁହୂର୍ତ୍ତକୁ ଦେଖିବାକୁ କିନ୍ତୁ ତାଙ୍କ ମା'ଙ୍କୁ ଭିସା ମିଳିନଥିବାରୁ ଦୁଃଖ ପ୍ରକାଶ କରିଥିଲେ। 'ମୋ ସ୍ୱପ୍ନ ସାକାର ହୋଇଛି' ବୋଲି କହିଥିଲେ ତାରକାଖଚିତ ସ୍ପେନ୍‌କୁ ରୋକିଥିବା ଏହି ଭେଟେରାନ୍। ୨୦୧୦ ବିଶ୍ୱକପ୍ ତଥା ବର୍ତ୍ତମାନର ୟୁରୋପୀୟ ବିଜେତା ସ୍ପେନ୍‌ର ଆଶାରେ ପାଣି ଭରି ଦେଇଥିବାରୁ ଭୋଜିନା ମଧ୍ୟ ନିଜକୁ ଗୌରବାନ୍ୱିତ ମନେ କରିଛନ୍ତି। ସୋମବାର ମ୍ୟାଚ୍ ପରେ ଭୋଜିନାଙ୍କ ପ୍ରଶଂସକଙ୍କ ସଂଖ୍ୟା ୫୦ଲକ୍ଷ ଟପିଯାଇଛି। ବିଶେଷ କରି ଫେରାନ ଟୋରେସ, ଆମେରିକ୍ ଲାପୋର୍ଟେ, ଲାମିନ୍ ୟାମାଲ, ଡାନି ଓଲ୍ ମୋ, ନିକୋ ୱିଲିୟମ୍ସଙ୍କ ଭଳି ନାମି ଫରୱାର୍ଡସଙ୍କ ଆକ୍ରମଣକୁ ପ୍ରତିହତ କରି ଦଳକୁ ୭ଟି ଗୋଲ୍‌ରୁ ବଞ୍ଚାଓ କରିଥିଲେ। ୪୦+ବର୍ଷୀୟ ଗୋଲ ରକ୍ଷକଙ୍କ ମଧ୍ୟରେ ବିଶ୍ୱକପ୍ ମଇଦାନରେ ଏହା ପୂର୍ବରୁ ନର୍ଦ୍ଦର୍ଣ୍ଣ ଆୟର୍ଲାଣ୍ଡ ର ପ୍ୟାଟ୍ ଜେନିଙ୍ଗସ ୧୯୮୬ ବିଶ୍ୱକପ୍‌ରେ ବ୍ରାଜିଲ୍ ବିପକ୍ଷରେ ୧୦ ଗୋଲ୍ ବଞ୍ଚାଇ ଏକ ନିର୍ଦ୍ଦିଷ୍ଟ ବିଶ୍ୱକପ୍‌ର ରେକର୍ଡ ରଖିଛନ୍ତି। ଭୋଜିନାଙ୍କ ପ୍ରଦର୍ଶନ ମଧ୍ୟ ମାତ୍ର ୫.୩ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ କେପ୍ ଭର୍ଡେ ଦେଶର ସୁନାମକୁ ବଢ଼ାଇ ଦେଇଛି। 'ମୋ ଆଖିରେ ଲୁହ ଆସିଯାଇଥିଲା ଏଇଥି ପାଇଁ ଯେ, ମୋ ପାଇଁ ସବୁକିଛି ଥିବା ଜେଜେବାପା, ଜେଜେ ମା' ଆଜି ନାହାନ୍ତି। ମୋ ମା'ଙ୍କୁ ଭିସା ମିଳିପାରିଲା ନାହିଁ, ଠିକଣା ସମୟରେ ଆବଶ୍ୟକ ଅର୍ଥ ଜମା କରିପାରିନଥିଲୁ। ମା' ଏହି ମୁହୂର୍ତ୍ତ ଦେଖିପାରିଥିଲେ ମୁଁ ଖୁସି ହୋଇଥାନ୍ତି' ବୋଲି ଭାବବିହ୍ୱଳ ଭୋଜିନା ପ୍ରକାଶ କରିଥିଲେ।

# ଫେସ୍‌ବୁକ୍ ପେଜ୍ ବିରୋଧରେ ଗାଙ୍ଗୁଲିଙ୍କ ଏତଲା

କୋଲକାତା(ଏଜେନ୍ସି) : ପୂର୍ବତନ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ତଥା ବେଙ୍ଗଲ କ୍ରିକେଟ୍ ସଂଘ (ସିଏବି) ସଭାପତି ସୌରଭ ଗାଙ୍ଗୁଲି ନିଜ ନାମରେ ହୋଇଥିବା ଏକ ଫେସବୁକ୍ ପେଜ୍ ଓ ମିଡିଆ ପ୍ଲାଟ୍‌ଫର୍ମ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ନାଁରେ ମାନହାନିଜନକ ବିଷୟବସ୍ତୁ ପ୍ରସାରଣ ଏବଂ ଭାବମୂର୍ତ୍ତିକୁ ନଷ୍ଟ କରିବାକୁ ଚେଷ୍ଟା କରିବା ନେଇ କୋଲକାତା ପୁଲିସ ନିକଟରେ ଅଭିଯୋଗ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଠାକୁରପୁକୁର ଥାନାରେ ହୋଇଥିବା ଏତଲାରେ ଦର୍ଶାଯାଇଛି ଯେ, 'ସୌରଭ ଗାଙ୍ଗୁଲି ପ୍ରଶଂସକ' ନାମରେ କିଏ ଜଣେ ଫେସବୁକ୍ ପେଜ୍ ଖୋଲି ତାଙ୍କ ଭାବମୂର୍ତ୍ତିକୁ ନଷ୍ଟ କରିବାକୁ ଚେଷ୍ଟା କରୁଛି।

# ମାର୍ଚ୍ଚ ୧୦ରୁ ଆସନ୍ତା ବର୍ଷ ଆଇପିଏଲ୍




ନୂଆଦିଲ୍ଲୀ (ଏଜେନ୍ସି) : ଆସନ୍ତା ବର୍ଷ ଆଇପିଏଲ୍‌କୁ ବିସିସିଆଇ ୨ ସପ୍ତାହ ପୂର୍ବରୁ କରିବାକୁ ଚିନ୍ତା କରୁଛି। ଫଳରେ ଏହି ବିଶ୍ୱର ଏହି ଧନୀ କ୍ରିକେଟ୍ ଲିଗ୍ ପାରମ୍ପରିକ ଭାବେ ମାର୍ଚ୍ଚ ଶେଷରେ ଆରମ୍ଭ ମେ ଶେଷ ସପ୍ତାହରେ ଶେଷ ହେଉଥିଲା। ହେଲେ ଏବେ ଏହି ପ୍ରତିଯୋଗିତା ମାର୍ଚ୍ଚ ୧୦ରୁ ଆରମ୍ଭ ହୋଇ ମେ ୧୫ ତାରିଖରେ ଶେଷ କରିବା ଲାଗି ଯୋଜନା ହେଉଛି। ପ୍ରତିଯୋଗିତାର ଶେଷ ପର୍ଯ୍ୟନ୍ତ ପ୍ରଶଂସକଙ୍କୁ ବାନ୍ଧି ରଖିବାକୁ ଏଭଳି ପଦାକ୍ଷେପ ନିଆଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି। ''ଚଳିତ ବର୍ଷ ଆଇପିଏଲ୍ ମାର୍ଚ୍ଚ ୨୮ରୁ ଆରମ୍ଭ ହୋଇ ମେ ୩୧ରେ ଶେଷ ହୋଇଥିଲା। ପ୍ରତିଯୋଗିତା ଶେଷ ପର୍ଯ୍ୟାୟ ମେ ୧୫ ପରେ ବର୍ଷା ଓ ପ୍ରାକ୍-ମୌସୁମୀ ଆରମ୍ଭ ହେବାରୁ ମ୍ୟାଚ୍ ଉପରେ ଏହାର ପ୍ରଭାବ ପଡୁଛି। ଏମିତି ବି ଗରମ ପାଗ ପାଇଁ ଖେଳାଳି କିମ୍ବା ଦର୍ଶକ ଅସୁବିଧାରେ ପଡୁଛନ୍ତି। ତେଣୁ କ୍ରୀଡ଼ ବିକାଶର ମହାପ୍ରବନ୍ଧକ ଅଭେ କୁରୁଭିଲ୍ଲାଙ୍କୁ ସଂଶୋଧିତ ସମୟ ନିର୍ଦ୍ଧାରଣ କରିବାକୁ ଦାୟିତ୍ୱ ଦିଆଯାଇଛି। ଆ ମେ ଭାବୁଛୁ ଆଗାମୀ ଋତୁରୁ ଏହା କାର୍ଯ୍ୟକାରୀ ହେବ। ହେଲେ ଆଇପିଏଲ୍ ମ୍ୟାଚ୍ ସଂଖ୍ୟା ୭୪ରୁ ୯୪କୁ ବୃଦ୍ଧି କରିବାକୁ ଏବେ କେଣସି ଯୋଜନା ନାହିଁ '' ବୋଲି ସାଇକିଆ ପ୍ରକାଶ କରିଛନ୍ତି।

## ଏଫ୍ ଆଇଏଚ୍ ପ୍ରୋ-ଲିଗ୍

# ମନପ୍ରୀତଙ୍କ ରେକର୍ଡ ମ୍ୟାଚ୍‌ରେ ଜର୍ମାନୀକୁ ହରାଇଲା ଭାରତ




ରୋଟରଡାମ୍ (ଏଜେନ୍ସି): ଏଫ୍ ଆଇଏଚ୍ ପ୍ରୋ-ଲିଗ୍ ଲାଗି ନେଦରଲାଣ୍ଡ ସ ଗସ୍ତରେ ଥିବା ଭାରତୀୟ ପୁରୁଷ ହକି ଦଳ ପ୍ରଥମ ବିଜୟ ପାଇଛି। ଏହି ଗସ୍ତର ପ୍ରଥମ ମ୍ୟାଚ୍ ରେ ଘରୋଇ ଦଳ ତଥା ଅଲିମ୍ପିକ୍ସ ବିଜେତା ନେଦରଲାଣ୍ଡ ସଠୁ ୨-୩ରେ ହାରିଥିବା ଭାରତ ଗୁରୁବାର ବିଶ୍ୱ ବିଜେତା ଜର୍ମାନୀକୁ ୩-୧ ଗୋଲ୍ ରେ ପରାସ୍ତ କରିଛି। ଏହି ବିଜୟ ସହ ମିଡ୍ ଫିଲ୍ଡର ମନ୍ ପ୍ରୀତ ସିଂହଙ୍କ ସର୍ବାଧିକ ମ୍ୟାଚ୍ ଖେଳିବା ରେକର୍ଡକୁ ସ୍ମରଣୀୟ କରି ଦେଇଛି। ୩୩ ବର୍ଷୀୟ ମନ୍ ପ୍ରୀତ ୪୧୩ ମ୍ୟାଚ୍ ଖେଳି ଭାରତର ସର୍ବାଧିକ ମ୍ୟାଚ୍ ଖେଳିବାର ଓଡ଼ିଆ ପୁଅ ପୂର୍ବତନ ଭାରତୀୟ ଅଧିନାୟକ ଏବଂ ହକି ଇଣ୍ଡିଅର ସଭାପତି ଦିଲୀପ ତିର୍କି (୪୧୨)ଙ୍କୁ ଟପିଛନ୍ତି। ଏହି ସଫଳତା ପାଇଁ ମନ୍ ପ୍ରୀତଙ୍କୁ ହକି ଇଣ୍ଡିଆ ୧୦ ଲକ୍ଷ ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛି। ବିଶ୍ୱରେ ସର୍ବାଧିକ ମ୍ୟାଚ୍ ଖେଳିବାରେ ମନପ୍ରୀତ ପଞ୍ଚମ ଖେଳାଳି ହୋଇଛନ୍ତି। ତାଙ୍କ ଆଗରେ ବେଲ୍ ଜିୟମ୍ ର ଜନ-ଜନ୍ ଡୋମେନ (୪୮୧), ନେଦରଲାଣ୍ଡ ସର ତିଓନ ଡି ନୁଇଜର (୪୫୩), ଅଷ୍ଟ୍ରେଲିଆର ଏଡି ଓକେନଡେନ୍ (୪୫୧) ଓ ଗ୍ରେଟ୍ ବ୍ରିଟେନ୍ ର ବାରି ମିଡଲଟନ୍ (୪୩୨) ରହିଛନ୍ତି। ମ୍ୟାଚ୍ ର ପ୍ରଥମାର୍ଦ୍ଧରେ ଭାରତ ୨-୦ ଗୋଲ୍ ରେ ଆଗରେ ରହିଥିଲା। ମନଦୀପ ସିଂହ (୭ ମିନିଟ୍ ) ପ୍ରଥମ ଗୋଲ୍ ଦେଇଥିଲେ। ଓଡ଼ିଆ ପୁଅ ଶିଳାନନ୍ଦ ଲାକ୍ରା (୧୩ ମିନିଟ୍ )ଙ୍କ ଗୋଲ୍ ରେ ଭାରତ ପ୍ରଥମ କ୍ୱାର୍ଟରକୁ ୧-୦ରେ ନିଜ ପକ୍ଷରେ ରଖିଥିଲା।

# ପଦାର୍ପଣକାରୀ ଉଜ୍‌ବେକିସ୍ତାନକୁ ହରାଇଲା କଲମ୍ବିଆ...



## ଲୁଇସ୍ ଡିଆଜ୍ ଶ୍ରେଷ୍ଠ ଖେଳାଳି

ମେକ୍ସିକୋ ସିଟି(ଏଜେନ୍ସି) : କଲମ୍ବିଆ ତା'ର ଫିଫା ବିଶ୍ୱକପ୍ ୨୦୨୬ ଅଭିଯାନ ବିଜୟରୁ ଆରମ୍ଭ କରିଛି। ଗୁରୁବାର ଏଠାରେ ଖେଳାଯାଇଥିବା ଗ୍ରୁପ୍ -କେ'ର ଏକ ମ୍ୟାଚ୍ ରେ ଏହି ଦଳ ୩-୧ ଗୋଲ୍ ରେ ପଦାର୍ପଣକାରୀ ଉଜ୍ ବେକିସ୍ତାନକୁ ମାତ୍ ଦେଇଛି। ୪୧ତମ ମିନିଟ୍ ରେ ଲୁଇସ୍ ଡିଆଜ୍ ଙ୍କ ଏକ ଚିପ୍ ଡ କ୍ରସ୍ ପାଇ ଡାନିଏଲ ମୁନୋଜ ଚମତ୍କାର ଢଙ୍ଗରେ ବଲ୍ ଉଜ୍ ବେକିସ୍ତାନ ଗୋଲ୍ ପୋଷ୍ଟ କୁ ପଠାଇ କଲମ୍ବିଆକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ପ୍ରଥମାର୍ଦ୍ଧରେ ପଛରେ ଥିବା ଉଜବେକିସ୍ତାନ ଦ୍ୱିତୀୟାର୍ଦ୍ଧର ୧୫ ମିନିଟ୍ ରେ ଗୋଲ୍ ଟି ଶୁଝି ସ୍ଥିତି ବରାବର କରି ଦେଇଥିଲା। ଏହି ଗୋଲ୍ ଟି ୨୨ ବର୍ଷୀୟ ଆବୋସବେକ୍ ଫେ ଜୁଲା ବ୍ (୬୦ ମିନିଟ୍) ଦେଇଥିଲେ। ସେ ସୁନ୍ଦର ଟ୍ୟାପ୍ ହେଡର୍‌ରେ ବଲ୍ କଲମ୍ବିଆ ଗୋଲ୍ ପୋଷ୍ଟ କୁ ପଠାଇ ଉଜବେକିସ୍ତାନର ପ୍ରଥମ ବିଶ୍ୱକପ୍ ଗୋଲ୍ ସ୍କୋରର୍ ହେବାର ଗୌରବ ଅର୍ଜନ କରିଥିଲେ। ଏହାର ମାତ୍ର ୫ ମିନିଟ୍ ପରେ ଗୁଷ୍ଟାଭା ପୁଏର୍ତାଙ୍କ ପାସ୍ ରେ ଲୁଇସ୍ ଡିଆଜ୍ ଗୋଲ୍ ଦେଇ କଲମ୍ବିଆକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଶେଷରେ ଇନ୍ ଜୁରି ସମୟରେ କୁଟୋ ହର୍ଣ୍ଣାଦେଜଙ୍କ ପାସ୍ କୁ ଜାମିଷ୍ଟନ୍ କାମ୍ପାଜ୍ ଗୋଲ୍ ରେ ପରିଣତ କରି ଦଳକୁ ୩-୧ ବିଜୟ ଭେଟି ଦେଇଥିଲେ। ଲୁଇସ ଡିଆଜ୍ ଙ୍କୁ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଦକ୍ଷିଣ ଆମେରିକୀୟ ଦଳ କଲମ୍ବିଆ ମଙ୍ଗଳବାର ପରବର୍ତ୍ତୀ ମ୍ୟାଚ୍ ରେ କଙ୍ଗୋକୁ ଭେଟିବାକୁ ଥିଲା ବେଳେ ଏହି ଗ୍ରୁପ୍ ର ଅନ୍ୟଏକ ମ୍ୟାଚ୍ ରେ ପର୍ତ୍ତୁଗାଲ-ଉଜବେକିସ୍ତାନ ମୁହାଁମୁହିଁ ହେବେ।

# ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା




କଟକ(ଏନ୍.ଏମ୍.): ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା -୨୦୨୬ ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୧୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ପୁରୀ ଓ କଟକ ଜିଲ୍ଲାରୁ ସର୍ବାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ୧୬ ରୁ ୧୮ ପର୍ଯ୍ୟନ୍ତ ହେବ। ଏହି ପ୍ରତିଯୋଗୀତା ଓଡ଼ିଶା ଟାଏକୋଣ୍ଡୋ ସଂଘ ଓ କଟକ ଜିଲ୍ଲା ଟାଏକୋଣ୍ଡୋ ସଂଘର ମିଳିତ ଆନୁକୂଲ୍ୟରେ ଏବଂ ଓଡିଶା ରାଜ୍ୟ କିରୋଗୀ ଓ ପୁମସେ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହଉଅଛି। ଏହି ପ୍ରତିଯୋଗିତାରେ ୧୮ଟି ଜିଲ୍ଲାରୁ ୪୭ଟି ଟ୍ରେନିଂ ଏକାଡେମୀରୁ କିରୋଗୀ ଇଭେଣ୍ଟରେ ୫୩୫ ଓ ପୁମସେ ଇଭେଣ୍ଟରେ ୫୮୭ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି।

ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ଅଲମ୍ପିକ ସଂଘର ସାଧାରଣ ସମ୍ପାଦକ ଅଭିଜିତ ପାଲ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ଟାଏକୋଣ୍ଡୋ ସଂଘର ସଭାପତି ବ୍ୟୋମକେଶ ଅଭିଲାଷ ପ୍ରସାଦ, କଟକ ଜିଲ୍ଲା ସଂଘର ସଭାପତି ନିଶାର ଅହମଦ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିବା ବେଳେ ରାଜ୍ୟ ସଙ୍ଘର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟର ମନମୋହନ ଭଞ୍ଜ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଫିଫାର କଡ଼ା କଟକଣା ସତ୍ତ୍ୱେ ବିଶ୍ୱକପ୍‌ରେ ଇରାନ୍ ଯୁଦ୍ଧର ପ୍ରଭାବ



ଲସ୍‌ଏଞ୍ଜେଲ୍‌ସ (ଏଜେନ୍ସି) :ଫିଫାର କଡ଼ା କଟକଣା ସତ୍ତ୍ୱେ ବିଶ୍ୱକପ୍ ରେ 'ଇରାନ୍ ଯୁଦ୍ଧ'ର ପ୍ରଭାବ ଦେଖିବାକୁ ମିଳିଛି। ଏପରିକି ଇରାନ୍ ର ଜଣେ ଖେଳାଳି ଗୋଲ୍ ଦେବା ପରେ ବନ୍ଧୁକ ମାରିବା ଇଙ୍ଗିତ କରିବା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ମଙ୍ଗଳବାର ଲସ୍ ଏଞ୍ଜେଲ୍ସର ସୋଫି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଇରାନୀ ମିଡ୍ ଫିଲ୍ଡର ମହମ୍ମଦ ମୋହେବୀ ନିଜ ଦେଶ ପକ୍ଷରୁ ଦ୍ୱିତୀୟ ତଥା ଚୂଡ଼ାନ୍ତ ଗୋଲ୍ କରିଥିଲେ। ଏହାପରେ ସେ ନିଜ ଅଙ୍ଗୁଳିକୁ ବନ୍ଧୁକ ଆକୃତି କରି ଦର୍ଶକଙ୍କ ଆଡକୁ ଗୁଳିମାରିବା ଇଙ୍ଗିତ କରିଥିଲେ। ଏହାକୁ ନେଇ ପଡ଼ିଆ ଓ ପଡ଼ିଆ ବାହାରେ ଅତ୍ୟନ୍ତ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ତାଙ୍କୁ ବାସନ୍ଦ କରିବାକୁ ଫିଫା ନିକଟରେ ଦର୍ଶକମାନେ ଦାବି କରିଛନ୍ତି। ସେହିପରି ଷ୍ଟାଡିୟମ୍ ରେ ଉପସ୍ଥିତ ଥିବା ଇରାନୀ ସମର୍ଥକମାନେ ମଧ୍ୟ ନିଜ ଦେଶର ସରକାରଙ୍କ ସମର୍ଥନ କରୁଥିବା ପତାକା ପ୍ରଦର୍ଶନ କରୁଥିଲେ। ଏହା ନ କରିବାକୁ ଫିଫା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବାରଣ ଥିବା ସତ୍ତ୍ୱେ ସେମାନେ ଏହା କରିଥିଲେ। କେତେକ ଦର୍ଶକ ନିଜ ଟି ସାର୍ଟରେ ବି ଇରାନ ବିପ୍ଳବର ଚିତ୍ର ବହନ କରିଆସିଥିଲେ। ସୁରକ୍ଷା ଯାଞ୍ଚ ସମୟରେ ସେମାନଙ୍କୁ ଏପରି ଟି-ସାର୍ଟକୁ ଓଲଟା ପିନ୍ଧିବାକୁ କୁହାଯାଇଥିଲେ ବି ତାହାକୁ କିଛି ଷ୍ଟାଡିୟମ୍‌ରେ ପ୍ରଦର୍ଶନ କରିଥିଲେ। ତେବେ ମ୍ୟାଚ୍ ପରେ ଇରାନ୍ ଦଳକୁ ତୁରନ୍ତ ଆମେରିକା ଛାଡ଼ି ମେକ୍ସିକୋରେ ଥିବା ସେମାନଙ୍କ ଶିବିରକୁ ଚାଲିଯିବାକୁ କୁହାଯାଇଥିଲା। ଏହାକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି ଇରାନ୍‌ର ପ୍ରଶିକ୍ଷକ ଆମୀର ଘାଲେନୋଇ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ